

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୧ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 August 2026
Vol.No. 36 ■ No.200 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## କେନ୍ଦ୍ର କ୍ୟାବିନେଟର ବଡ଼ ନିଷ୍ପତ୍ତି : ଆଉ ୫ ବର୍ଷ ବଢ଼ିଲା ପିଏମ୍ କିଷାନ ଯୋଜନା



ନୂଆଦିଲ୍ଲୀ,୩୧/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି। ୨୦୧୯ ଫେବ୍ରୁଆରିରେ ଏହି ଯୋଜନା ଆରମ୍ଭ ହୋଇଥିଲା ଯେଉଁଥିରେ ଯୋଗ୍ୟ ଚାଷୀମାନଙ୍କୁ ପ୍ରତି ବର୍ଷ ୬୦୦୦ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଉଛି। ଇତି ମଧ୍ୟରେ ୨୩ଟି କିସ୍ତିରେ ୪.୪୭ ଲକ୍ଷ କୋଟି ଟଙ୍କା ଚାଷୀଙ୍କ ଖାତାରେ ଜମା କରାଯାଇଛି। କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୪୮,୦୪୮ କୋଟି ଟଙ୍କା ଅଟକଳ ବିଶିଷ୍ଟ ସମୁଦ୍ର ମନ୍ଥନ ଯୋଜନାକୁ ଅନୁମୋଦନ କରାଯାଇଛି। ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ ହେବାକୁ ଥିବା ଏହି ଯୋଜନାରେ ସରକାର ଅଧିକରୁ ଅଧିକ ତୈଳ ଓ ଗ୍ୟାସ୍ କ୍ଷେତ୍ର ସନ୍ଧାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସମୁଦ୍ର ମନ୍ଥନ ଯୋଜନା ପ୍ରଭାବରେ ୬୦୦ ନିୟୁତ ଟନ୍ ତୈଳ ଭଣ୍ଡାର ସନ୍ଧାନ ହୋଇପାରିବ ବୋଲି ଆଶା କରାଯାଉଛି। ସେହିପରି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନାକୁ ମଧ୍ୟ ମଞ୍ଜୁର କରାଯାଇଛି। ଏହି ଯୋଜନାରେ ପାଞ୍ଚ ବର୍ଷରେ ୫୦୦୦ ମେଗାୱାଟ୍ ଭାସମାନ ସୌର ଶକ୍ତି କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଦେଶରେ ଏହି କ୍ଷମତା ୭୦୦ ମେଗାୱାଟ୍ ରହିଛି ଯାହା ଆଗାମୀ ୫ ବର୍ଷରେ ପ୍ରାୟ ୭ ଗୁଣା ବଢ଼ିବାକୁ ଯାଉଛି। ଏହି ଯୋଜନାରେ ପ୍ରତି ମେଗାୱାଟ୍ ପାଇଁ ସରକାର ୧ କୋଟି ଟଙ୍କାର ସହାୟତା ଭାବେ ମୋଟ୍ ୫୦୭୦ କୋଟି ଟଙ୍କାର ସହାୟତା ଦେବେ। ଏହି ଯୋଜନା ପ୍ରଭାବରେ ୧୭ ହଜାର ପାଖାପାଖି ନୂତନ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି। ଏଥି ସହିତ ବୈଠକରେ ସଂଶୋଧିତ ଖେଲୋ ଇଣ୍ଡିଆ ଯୋଜନା ମଧ୍ୟ ମଞ୍ଜୁର ହୋଇଛି। ୨୦୩୦-୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାର ଅଟକଳ ୩୬,୪୧୧ କୋଟି ଟଙ୍କା ରହିଛି।

## ହୀରାକୁଦ ଜଳଭଣ୍ଡାରରୁ ୨୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ



ଭୁବନେଶ୍ୱର, ୩୧/୭ (ନି.ପ୍ର): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ସହ ତଳମୁଣ୍ଡରେ ବର୍ଷା କମିବା ପରେ ଆଜି ଗୋଟିଏ ଦିନରେ ଏକା ସାଂଗରେ ୨୦ଟି ଗେଟ୍ ଖୋଲାଯାଇଛି। ଫଳରେ ହୀରାକୁଦ ଜଳଭଣ୍ଡାରର ଖୋଲାଯାଇଥିବା ଗେଟ୍ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି। ଜୁଲାଇ ମାସରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୫ ଫୁଟ୍ ପର୍ଯ୍ୟନ୍ତ ରଖିବା ନେଇ ହୀରାକୁଦ ଜଳ ପରିଚାଳନା କମିଟିରେ ନିଷ୍ପତ୍ତି ନିଆଯାଇଥିଲା। ଏହାଛଡ଼ା ଓଡ଼ିଶାରେ ଲଗାଣ ବର୍ଷା ଯୋଗୁଁ ତଳ ମୁଣ୍ଡରେ, ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ବନ୍ୟାସ୍ଥିତି ଜଟିଳ ଥିଲା। ଏସବୁକୁ ଦୃଷ୍ଟିରେ ରଖି ଗୁରୁବାର ପର୍ଯ୍ୟନ୍ତ କେବଳ ଗେଟ୍ ସଂଖ୍ୟା ୨ରେ ସୀମିତ ରଖାଯାଇଥିଲା। କିନ୍ତୁ ଆଜି ତଳମୁଣ୍ଡର ସ୍ଥିତି ସୁଧୁରିବା ପରେ ଦିନ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଏକାଧିକ ପର୍ଯ୍ୟାୟରେ ୨୦ଟି ଗେଟ୍ ଖୋଲାଯାଇଛି। ଫଳରେ ପୂର୍ବରୁ ଖୋଲାଥିବା ୨ଟି ଗେଟ୍‌କୁ ମିଶାଇ ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବର୍ତ୍ତମାନ ହୀରାକୁଦ ବନ୍ଧ ବାମ ସ୍ପିଲ୍‌ୱେର ୧୫ ଓ ଡାହାଣ ପାର୍ଶ୍ୱର ୭ଟି ଗେଟ୍ ଖୋଲା ରହିଛି। ଶୁକ୍ରବାର ସନ୍ଧ୍ୟା ୬ଟା ବେଳେ ଜଳଭଣ୍ଡାରର ଜଳସ୍ତର ୬୨୫.୧୫ ଫୁଟ୍ ରହିଛି। ଏହି ସମୟରେ ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୪ ଲକ୍ଷ ୨୨ ହଜାର ୯୬୮ ଘନଫୁଟ୍ ପାଣି ପ୍ରବେଶ କରୁଥିଲାବେଳେ ବିଭିନ୍ନ ମାର୍ଗ ଦେଇ ୩ ଲକ୍ଷ ୫୬ କ୍ୟୁସେକ୍ ନିଷ୍କାସିତ ହେଉଥିଲା। ସ୍ପିଲୱେ ଦେଇ ୨ ଲକ୍ଷ ୬୪ ହଜାର ୪୨୬ କ୍ୟୁସେକ, ପାୱାରଚାନେଲ ଦେଇ ୩୧ ହଜାର ୭୮୮ କ୍ୟୁସେକ, ଶିଳ୍ପକୁ ୨୪୭ କ୍ୟୁସେକ, ବିଭିନ୍ନ କେନାଲକୁ ୨୯୯୦ କ୍ୟୁସେକ ପାଣି ଛଡ଼ା ଯାଉଥିଲା। ସେହି ସମୟରେ ମହାନଦୀ ତଳମୁଣ୍ଡ ଗେଜ୍ ଷ୍ଟେସନ୍ ଗୁଡ଼ିକ ମଧ୍ୟରୁ ବେଲଗାଁରେ ୮୩ ହଜାର କ୍ୟୁସେକ, ପଥର୍ଲାରେ ୨ ଲକ୍ଷ ୬ ହଜାର ୨୪୪ କ୍ୟୁସେକ, ଖଇରମାଳରେ ୩ ଲକ୍ଷ ୩୦ ହଜାର କ୍ୟୁସେକ୍, ବରମୂଳରେ ୬ ଲକ୍ଷ ୨ ହଜାର କ୍ୟୁସେକ୍ ଓ ମୁଣ୍ଡଳିରେ ୮ ଲକ୍ଷ ୨୦ ହଜାର ୮୪୩ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ହାରାହାରି ୬.୨୬ ମିଲିମିଟର ଓ ତଳମୁଣ୍ଡରେ ୩.୨୩ ମିଲିମିଟର ବର୍ଷାର ରେକର୍ଡ କରାଯାଇଛି।

## ୩୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଆରଆଇ ଓ ସହଯୋଗୀ


କଟକ, ୩୧/୭ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଜିଲ୍ଲା ନିଆଳି ତହସିଲ ଅଧୀନରେ ଥିବା ମାଧବ ସର୍କଲର ରାଜସ୍ୱ ନିରୀକ୍ଷକ କିଶୋର କୁମାର ସ୍ୱାଇଁ ଓ ତାଙ୍କ ସହଯୋଗୀ ସୁକାନ୍ତ ପ୍ରଧାନ (ସରକାରୀ କର୍ମଚାରୀ ନୁହନ୍ତି)। ଏକ ମ୍ୟୁଟେସନ୍ ମାମଲାରେ କାମ କରିଦେବା ପାଇଁ ଆରଆଇ ଶ୍ରୀ ସ୍ୱାଇଁ ତାଙ୍କ ସହଯୋଗୀ ଶ୍ରୀ ପ୍ରଧାନଙ୍କ ଜରିଆରେ ଆବେଦନକାରୀଙ୍କଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆବେଦନକାରୀ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମ ଅନୁଯାୟୀ ଅନଲାଇନ୍‌ରେ ଆବେଦନ କରିଥିଲେ। ଆବେଦନକାରୀଙ୍କର ବାରମ୍ବାର ଅନୁରୋଧ ସତ୍ତ୍ୱେ ଆରଆଇ ଶ୍ରୀ ସ୍ୱାଇଁ ତାଙ୍କ ମ୍ୟୁଟେସନ୍ ମାମଲାଟିକୁ ପକାଇ ରଖିଥିଲେ। ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ଦାଖଲ କରିବାକୁ ଏବଂ ସଂଶୋଧିତ ଜଙ୍ଗଜ ଜାରି କରାଇବାରେ ସହଯୋଗ କରିବା ପାଇଁ ସେ ଆବେଦନକାରୀଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଆବେଦନକାରୀ ଏହି ଦାବି ପୂରଣ କରିବାରେ ଅସମର୍ଥତା ପ୍ରକାଶ କରିବା ପରେ ମଧ୍ୟ ଶ୍ରୀ ସ୍ୱାଇଁ ୩୦,୦୦୦ ଟଙ୍କା ଲାଞ୍ଚ ନଦେଲେ କାମ କରିବେ ନାହିଁ ବୋଲି କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଆବେଦନକାରୀ ଜଣ ଶ୍ରୀ ସ୍ୱାଇଁଙ୍କ ନାଁରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଆଜି ଆବେଦନକାରୀ ଆରଆଇ ଶ୍ରୀ ସ୍ୱାଇଁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଲାଞ୍ଚ ଅର୍ଥ ଦେବା ବେଳେ ତାଙ୍କୁ ଧରିଥିଲା ଭିଜିଲାନ୍ସ ଟିମ୍। ଆରଆଇଙ୍କ ସହିତ ତାଙ୍କ ସହଯୋଗୀ ସୁକାନ୍ତ ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସଂପୂର୍ଣ୍ଣ ଲାଞ୍ଚ ଅର୍ଥ ଜବତ କରାଯାଇଛି।

## ଅଗଷ୍ଟ ୩ରୁ ତିନି ଦିନିଆ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ : କଡା ସୁରକ୍ଷା ବଳୟରେ ରାଜଧାନୀ



ଭୁବନେଶ୍ୱର, ୩୧/୭ (ନି.ପ୍ର): ଆସନ୍ତା ଅଗଷ୍ଟ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତରେ ଆସିବେ । ୪ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବ୍ରହ୍ମପୁର ଅଭିମୁଖେ ଟ୍ରେନ ଯୋଗେ ଗସ୍ତ କରିବେ । ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି (ଶୁକ୍ରବାର) ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଛନ୍ତି । ପୁଲିସ, ରେଳବାଇ ଏବଂ ସାଧାରଣ ପ୍ରଶାସନ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ କାର୍ଯ୍ୟକ୍ରମ ସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ଯାଞ୍ଚ ସହ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ରେଳ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସମଗ୍ର ରେଳପଥରେ ପାଟ୍ରୋଲିଂ ◆◆ପୃଷ୍ଠା ୭

## ପିଜି ପ୍ରଶ୍ନପତ୍ର ବିବାଦ: ଲିକ୍ ନୁହେଁ ମାଲପ୍ରାକ୍ଟିସ୍ କହିଲେ କୁଳପତି, ତଦନ୍ତ ପାଇଁ କମିଟି ଗଠିତ, ସରକାରଙ୍କୁ ଘେରିଲେ କଂଗ୍ରେସ-ବିଜେଡି





ଭୁବନେଶ୍ୱର, ୩୧/୭ (ନି.ପ୍ର): ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ ଥମିନଥିବାବେଳେ ଓଡ଼ିଶାରେ ମେଡିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ବିବାଦ ଏବେ ଦେଶ ଓ ରାଜ୍ୟର ରାଜନୀତିକୁ ସରଗରମ କରିଛି। ବିରୋଧୀ କଂଗ୍ରେସ ଓ ବିଜେଡି ଏହାକୁ 'ପ୍ରଶ୍ନପତ୍ର ଲିକ୍' କହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିବାବେଳେ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି ଏହା ପ୍ରଶ୍ନପତ୍ର ଲିକ୍ ନୁହେଁ ବରଂ ପରୀକ୍ଷା ଆରମ୍ଭ ହେବାପରେ କେହି ପରୀକ୍ଷାର୍ଥୀଙ୍କ ଦ୍ୱାରା କରାଯାଇଥିବା ମାଲପ୍ରାକ୍ଟିସ୍ ବୋଲି କହିଛନ୍ତି । ଏପଟେ ଏହି ବିବାଦର ତଦନ୍ତ ପାଇଁ ଏମକେସିଜି ମେଡିକାଲ କଲେଜର ଡିନ ଓ ପ୍ରିନ୍ସିପାଲଙ୍କ ନେତୃତ୍ୱରେ ୬ଜଣିଆ କମିଟି ଗଠନ କରାଯାଇ ୩ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ପ୍ରଶ୍ନପତ୍ର ଲିକ୍ ବିବାଦକୁ ନେଇ ନିରବ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁ ଆଜି ଗଣମାଧ୍ୟମ ଆଗରେ ସ୍ପଷ୍ଟୀକରଣ ରଖି ପ୍ରଶ୍ନପତ୍ର ଲିକ୍ ଖବରକୁ ସମ୍ପୂର୍ଣ୍ଣ ଫାଙ୍କି ଦେଇଛନ୍ତି। ଏହା ପ୍ରଶ୍ନପତ୍ର ଲିକ୍ ନୁହେଁ, ବରଂ ମାଲପ୍ରାକ୍ଟିସ୍। ◆◆ପୃଷ୍ଠା ୭

## କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗାଭତ୍ତା ୩% ବଢ଼ିପାରେ: ୩ ପ୍ରତିଶତ ବଢ଼ିବା ସମ୍ଭାବନା ସୃଷ୍ଟି

ନୂଆଦିଲ୍ଲୀ,୩୧/୭ : କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମହଙ୍ଗାଭତ୍ତା ୩ ପ୍ରତିଶତ ବଢ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଶ୍ରମ ବ୍ୟୁରୋ ପକ୍ଷରୁ ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଜୁନ୍‌ମାସର ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ପ୍ରକାଶ ପାଇବା ପରେ ଏହି ଆଶା ଉଜ୍ଜୀବିତ ହୋଇଛି । ଜୁନ୍‌ରେ ଶିଳ୍ପ ଶ୍ରମିକମାନଙ୍କ ଖାଉଟି ମୂଲ୍ୟସୂଚୀ ୧୫୧.୯ ରହିଛି ବୋଲି ଏକ୍ସରେ ପୋଷ୍ଟ କରାଯାଇଛି। ଏଥିଯୋଗୁ ଗତ ୧୨ ମାସର ହାରାହାରି ଖାଉଟି ମୂଲ୍ୟସୂଚୀ ୧୪୮.୬୫ରେ ରହିଛି, ଯାହା ଫଳରେ ମହଙ୍ଗାଭତ୍ତା ୬୩.୭୬ ପ୍ରତିଶତ ହେବା ନେଇ ହିସାବ କରାଯାଉଛି। କିନ୍ତୁ ସରକାରୀ କର୍ମଚାରୀଙ୍କୁ ମହଙ୍ଗାଭତ୍ତା ପ୍ରଦାନ ସମୟରେ ଭଗ୍ନାଂଶ ସଂଖ୍ୟାକୁ ହିସାବକୁ ନିଆଯାଉ ନଥିବାରୁ ସେମାନଙ୍କୁ ୬୩ ପ୍ରତିଶତ ମହଙ୍ଗାଭତ୍ତା ମିଳିବା ସମ୍ଭାବନା ରହିଛି। ତେବେ ବାସ୍ତବ ମହଙ୍ଗାଭତ୍ତା କେତେ ବଢ଼ିବ ତାହା ସରକାରଙ୍କ ଘୋଷଣା ଉପରେ ନିର୍ଭର କରୁଛି। ୨୦୨୬ ଜାନୁଆରି ପାଇଁ ସରକାର ମହଙ୍ଗାଭତ୍ତା ୨ ପ୍ରତିଶତ ବଢ଼ାଇଥିଲେ। ◆◆ପୃଷ୍ଠା ୭

## ପ୍ରଧାନମନ୍ତ୍ରୀଙ୍କୁ ସନ୍ଦେହ କରିବାର କାରଣ ନାହିଁ: ନିର୍ବାଚନ କମିଶନରଙ୍କ ନିଯୁକ୍ତିର ଓକିଲାତି କଲେ ସରକାର



ନୂଆଦିଲ୍ଲୀ,୩୧/୭ : ଦେଶର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ପାଇଁ ଆପଣା ଯାଉଥିବା ପ୍ରକ୍ରିୟାକୁ ଆଜି ସୁପ୍ରିମକୋର୍ଟରେ ଜୋରଦାର ସମର୍ଥନ କରିଛନ୍ତି ଭାରତ ସରକାର। ଦେଶର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କୁ ନିଯୁକ୍ତି ଦେବାକୁ ଗଠନ ହୋଇଥିବା ୩ ଜଣିଆ କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଜଣେ କେନ୍ଦ୍ରମନ୍ତ୍ରୀ ରହିଛନ୍ତି। ଏପରି ସ୍ଥିତିରେ ଚୟନ ପ୍ରକ୍ରିୟାରେ ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ କରିବାର କୌଣସି କାରଣ ନାହିଁ ବୋଲି ସୁପ୍ରିମକୋର୍ଟଙ୍କୁ କହିଛନ୍ତି ସରକାର। ଶୁଣାଣି ବେଳେ ସରକାର ନିଜର ପକ୍ଷ ରଖି କହିଛନ୍ତି ଯେ ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧରେ କାର୍ଯ୍ୟପାଳିକା କାମ କରିପାରେ ବୋଲି ଆକଳନ କରି ସାମ୍ବିଧାନିକ କୋର୍ଟ କେବେ ହେଲେ ଶୁଣାଣି କରିପାରିବେ ନାହିଁ। ୨୦୨୩ ଆଇନ ବିରୋଧରେ ଦାଖଲ ହୋଇଥିବା ଆବେଦନଗୁଡ଼ିକ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ବେଳେ କେନ୍ଦ୍ର ସରକାର ଏପରି କହିଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟା କହିଛନ୍ତି ଯେ "ପ୍ରଧାନମନ୍ତ୍ରୀଙ୍କ ପଦବୀର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ◆◆ପୃଷ୍ଠା ୭

## ଆନ୍ତଃରାଜ୍ୟ ନିଶା ଚାଲାଣ ରାକେଟ୍ ପର୍ଦ୍ଦାଫାସ

ଭୁବନେଶ୍ୱର, ୩୧/୭ (ନି.ପ୍ର): ଆନ୍ତଃରାଜ୍ୟ ନିଶା ଚାଲାଣ ରାକେଟ୍ ପର୍ଦ୍ଦାଫାସ । ଗଜପତି ଜିଲ୍ଲାରୁ ଦିଲ୍ଲୀକୁ ହେଉଥିବା ଏକ ବଡ଼ ଧରଣର ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ଉଦ୍ୟମକୁ ଏସଟିଏଫ ସଫଳତାର ସହ ପଣ୍ଡ କରିଛି । ଚାଉଳ ଟ୍ରକ୍‌ରେ ଲୁଚିଥିଲା ଗଞ୍ଜେଇ । ଯାଞ୍ଚରୁ ବଞ୍ଚିବା ପାଇଁ ଚାଉଳ ବୋଝେଇ ଟ୍ରକ୍ ଭିତରେ ଅତ୍ୟନ୍ତ ଚତୁରତାର ସହ ଗଞ୍ଜେଇ ଗୁଡ଼ିକୁ ଲୁଚାଯାଇ ଚାଲାଣ କରାଯାଉଥିଲା ।

## ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ: ହେଲା ବଡ ଆଲୋଚନା



ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧ ଜୁଲାଇ (ହି.ସ)- ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ପ୍ରେରଣାରେ ବିକାଶ, ପ୍ରଗତି ଓ ସମୃଦ୍ଧିର ଏକ ନୂତନ ପଥରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ◆◆ପୃଷ୍ଠା ୭

## ବିଜେପିରୁ ଇସ୍ତଫା ଦେଲେ ଶହଜାଦ ପୁନାୱାଲା

ନୂଆଦିଲ୍ଲୀ,୩୧/୭ : ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଶହଜାଦ ପୁନାୱାଲା ଦଳରୁ ଇସ୍ତଫା ଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶହଜାଦ ବିଜେପିର ଶୀର୍ଷ ନେତୃତ୍ୱକୁ ତାଙ୍କ ଇସ୍ତଫା ପ୍ରଦାନ କରିଛନ୍ତି । ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନିଜ ବାୟୋ ବଦଳାଇଛନ୍ତି ଓ ସେଥିରୁ ବିଜେପି ହଟେଇ ଦେଇଛନ୍ତି। ପୁନାୱାଲା ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ଇନଷ୍ଟାଗ୍ରାମ ଆକାଉଣ୍ଟ ପ୍ରୋଫାଇଲରେ ଏବେବି ତାଙ୍କୁ ବିଜେପି ପ୍ରବକ୍ତା ଭାବେ ଦର୍ଶାଇଛନ୍ତି। ଗୁରୁବାର ପୁନାୱାଲା ତାଙ୍କର ଅପଡେଟ୍ ହୋଇଥିବା 'ଏକ୍ସ' ବାୟୋର ଏକ ସ୍କ୍ରିନସଟ୍ ସେୟାର କରିଛନ୍ତି ଯେଉଁଥିରେ ଲେଖାଯାଇଛି, ଧର୍ମ: ଇସଲାମ, ସଂସ୍କୃତି: ହିନ୍ଦୁ, ବିଚାରଧାରା: ଭାରତୀୟ। ଲେଖକ: । ଜିଏସ୍‌ଟିକି କି ଯାତ୍ରା; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀବନବ୍ୟାପୀ ଅନୁଗାମୀ। କ୍ୟାପସନରେ କେବଳ ମୋର ଅପଡେଟ୍ ହୋଇଥିବା ବାୟୋ ଲେଖାଯାଇଛି। ଶହଜାଦ ପୁନାୱାଲା ୨୦୧୭ ମସିହାରେ କଂଗ୍ରେସ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ। କଂଗ୍ରେସ ଛାଡ଼ିବା ସମୟରେ ଦଳର ଅଧ୍ୟକ୍ଷ ପଦ ନିର୍ବାଚନ ପ୍ରକ୍ରିୟାକୁ ଲୋକଦେଖାଣିଆ ◆◆ପୃଷ୍ଠା ୭

# ଏନ୍‌ଏଲ୍ସି ଇଣ୍ଡିଆର ଦକ୍ଷତା ବିକାଶ ପଦକ୍ଷେପ : ୬୦ ଯୁବତୀ ଓ ମହିଳା ମାନଙ୍କୁ ସିଲାଇ ତାଲିମର ସମାପନ ପ୍ରମାଣପତ୍ର ଓ ସିଲାଇ ମେସିନ୍ ବଂଟନ

ଝାରସୁଗୁଡ଼ା,୩୧/୦୭ (ନି.ପ୍ର): ସମାବେଶୀ ବିକାଶ, ସମୁଦାୟ କଲ୍ୟାଣ ଏବଂ ସ୍ଥାୟୀ ସାମାଜିକ-ଆର୍ଥିକ ଉନ୍ନତି ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ଏନ୍‌ଏଲ୍ସି ଇଣ୍ଡିଆ ଲିମିଟେଡ୍ (ଏନ୍‌ଏଲ୍ସିଆଇଏଲ୍) ଝାରସୁଗୁଡ଼ା ଜିଲ୍ଲାର ଏନ୍‌ଏଲ୍ସି ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପ (ଏନ୍‌ଟିଟିପିପି) ଅଧୀନରେ ପ୍ରକଳ୍ପ ପ୍ରଭାବିତ ଓ ବିସ୍ଥାପିତ ପରିବାରଙ୍କ ପାଇଁ ଚାଲିଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ସଫଳତାର ସହ ଆଗେଇ ନେଉଛି। ଜୀବିକା ବିକାଶ କାର୍ଯ୍ୟକ୍ରମ ଅଧୀନରେ ଏପର୍ଯ୍ୟନ୍ତ ମୋଟ ୨୧୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି । ଯାହା ମଧ୍ୟରେ ୩୦ ଜଣ ଯୁବକ-ଯୁବତୀଙ୍କୁ ଇଣ୍ଡଷ୍ଟ୍ରିଆଲ୍ ଇଲେକ୍ଟ୍ରିସିଆନ୍ ଟ୍ରେଡ୍ ରେ ଏବଂ ୧୮୦ ଜଣଙ୍କୁ ସେଲ୍ଫ ଏମ୍ପ୍ଲଏଡ୍ ଟେଲର (ଏସ୍ଇଟି) ଟ୍ରେଡ୍ ରେ ତାଲିମ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କୁ ଶିଳ୍ପ କ୍ଷେତ୍ର ଉପଯୋଗୀ ଦକ୍ଷତା ହାସଲ କରାଇ ସ୍ୱରୋଜଗାର ଓ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଉଛି। ଏହା ଏନ୍‌ଏଲ୍ସିଆଇଏଲ୍ ର ପୁନର୍ବାସ ଓ ପୁନଃସ୍ଥାପନ (ଆର୍ ଆଣ୍ଡ ଆର୍) ଏବଂ ସମୁଦାୟ ବିକାଶ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ପର୍ଯ୍ୟାୟରେ ତରେଇକେଲା, କୁମ୍ଭାରୀ, ତୁମ୍ଭେକେଲା ଏବଂ ହିର୍ମା ପଂଚାୟତର ବିଭିନ୍ନ ଗ୍ରାମର ୬୦ ଜଣ ଯୁବତୀ ଓ ମହିଳା ମାନଙ୍କୁ ସେଲ୍ଫ ଏମ୍ପ୍ଲଏଡ୍ ଟେଲର ଟ୍ରେଡ୍ ରେ ସଫଳତାର ସହ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନସ୍ଥ ଆପାରେଲ୍, ମେଡ୍-ଅପ୍ସ ଆଣ୍ଡ ହୋମ୍ ଫର୍ନିସିଂ ସେକ୍ଟର ସ୍କିଲ୍ କାଉନ୍ସିଲ୍ ସହଯୋଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସମାବର୍ତ୍ତନ ଓ ସିଲାଇ ମେସିନ୍ ବଂଟନ ଉତ୍ସବରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଓ ସିଲାଇ ମେସିନ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଟିଟିପିପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରକଳ୍ପ ମୁଖ୍ୟ ସନ୍ତୋଷ ସି.ଏସ୍.ଙ୍କ ସମେତ ଏନ୍‌ଏଲ୍ସି ତାଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମରୁ ଅର୍ଜିତ ଦକ୍ଷତାର ସଠିକ୍ ବ୍ୟବହାର କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରକଳ୍ପ ପ୍ରଭାବିତ ଗ୍ରାମର ଆଉ ୬୦ ଜଣ ଯୁବକ-ଯୁବତୀଙ୍କୁ ସେଲ୍ଫ ଏମ୍ପ୍ଲଏଡ୍ ଟେଲର ପ୍ରଶିକ୍ଷଣର ନୂତନ ବ୍ୟାଚ୍ ରେ ସାମିଲ କରାଯାଇଥିଲା। ନବନାମଲେଖା ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କିଟ୍ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ବିଭିନ୍ନ ସରକାରୀ ବିଭାଗ ଓ ଅନୁଷ୍ଠାନରୁ ସିଲାଇ କାମର ଅର୍ଡର ଯୋଗାଇ ଦେବା ପାଇଁ ପ୍ରୟାସ କରିବ, ଯାହା ଦ୍ୱାରା ପ୍ରଶିକ୍ଷାର୍ଥୀମାନେ ସ୍ୱରୋଜଗାର ଓ ସ୍ଥାୟୀ ଆୟର ସୁଯୋଗ ପାଇପାରିବେ। ନୂତନ ବ୍ୟାଚ୍ ଆରମ୍ଭ ସହିତ ଏନ୍‌ଏଲ୍ସିଆଇଏଲ୍ ବର୍ତ୍ତମାନର କାର୍ଯ୍ୟକ୍ରମରେ ମୋଟ ୩୦୦ ଜଣ ଯୁବକ-ଯୁବତୀଙ୍କୁ ସେଲ୍ଫ ଏମ୍ପ୍ଲଏଡ୍ ଟେଲର ଟ୍ରେଡ୍ ରେ ପ୍ରଶିକ୍ଷଣ ଦେବା ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି। ଏପର୍ଯ୍ୟନ୍ତ ୩୦ ଜଣ ଇଣ୍ଡଷ୍ଟ୍ରିଆଲ୍ ଇଲେକ୍ଟ୍ରିସିଆନ୍ ଏବଂ ୧୮୦ ଜଣ ସେଲ୍ଫ ଏମ୍ପ୍ଲଏଡ୍ ଟେଲର ପ୍ରଶିକ୍ଷାର୍ଥୀ ସଫଳତାର ସହ ପ୍ରଶିକ୍ଷଣ ସମାପ୍ତ କରିଥିବା ବେଳେ, ଏହି ପଦକ୍ଷେପ ଯୁବପିଢ଼ିଙ୍କ ଆର୍ଥିକ ସଶକ୍ତୀକରଣ, ଉଦ୍ୟମିତା ବିକାଶ ଓ ରୋଜଗାର ସୃଷ୍ଟି ଦିଗରେ ଏନ୍‌ଏଲ୍ସିଆଇଏଲ୍ ର ଦୀର୍ଘମିଆଦି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ଏନ୍‌ଏଲ୍ସି ଇଣ୍ଡିଆ ଲିମିଟେଡ୍ ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ସମୁଦାୟ ବିକାଶ ଏବଂ ପୁନର୍ବାସ-ପୁନଃସ୍ଥାପନ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରୁଛି। ଏହା ଦେଶର 'ସ୍କିଲ୍ ଇଣ୍ଡିଆ', 'ଆତ୍ମନିର୍ଭର ଭାରତ' ଏବଂ ସମାବେଶୀ ଓ ସ୍ଥାୟୀ ବିକାଶର ଜାତୀୟ ଲକ୍ଷ୍ୟ ସହ ସାମଞ୍ଜସ୍ୟ ରକ୍ଷା କରୁଛି। କାର୍ଯ୍ୟକ୍ରମ ପରେ ଜିଲ୍ଲାପାଳ ହିର୍ମାସ୍ଥିତ ନବନିର୍ମିତ ଡିସ୍ପେନସାରୀ ପରିଦର୍ଶନ କରିଥିଲେ। ଏହାସହ ଏନ୍‌ଏଲ୍ସିଆଇଏଲ୍ ର ତାପଜ ବିଦ୍ୟୁତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ସେ ସମୀକ୍ଷା କରିଥିଲେ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀଙ୍କ ଜଳବନ୍ଦୀ ଅଂଚଳ ପରିଦର୍ଶନ

ବଲାଙ୍ଗୀର,୩୧/୦୭ (ନି.ପ୍ର): ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ବଲାଙ୍ଗୀର ଲୋଇସିଂହାର ବିଭିନ୍ନ ଅଂଚଳରେ ଅତ୍ୟଧିକ ବର୍ଷା ଯୋଗୁଁ ଜଳବନ୍ଦୀରେ ପ୍ରଭାବିତ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ଜଳବନ୍ଦୀ ଲୋକଙ୍କ ନିକଟରେ ପହଂଚି ସେମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନ ଦେଇଛନ୍ତି। ଗସ୍ତ ସମୟରେ ମନ୍ତ୍ରୀ ଜଳମଗ୍ନ ଅଂଚଳ ପାଦରେ ଚାଲି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ବିପଦପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ସେ ପ୍ରଭାବିତ ଲୋକଙ୍କ ପାଖରେ ପହଂଚି ସେମାନଙ୍କ ଦୈନନ୍ଦିନ ସମସ୍ୟା, ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ପ୍ରଭାବିତ ଲୋକମାନେ ଯେପରି ସହାୟତାରୁ ବଂଚିତ ନହୁଅନ୍ତି, ସେଥିପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କ ସହ ସର୍ବଦା ଛିଡ଼ା ହୋଇ ରହିଛନ୍ତି ଏବଂ ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଗସ୍ତ ସମୟରେ ଉପସ୍ଥିତ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ମନ୍ତ୍ରୀ ସ୍ଥିତିର ସମୀକ୍ଷା କରିଥିଲେ। ପ୍ରଭାବିତ ଅଂଚଳରେ ପର୍ଯ୍ୟାପ୍ତ ପରିମାଣର ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ, ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଏବଂ ରୋଗ ନିରାକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀମାନେ ମନ୍ତ୍ରୀଙ୍କୁ ନିଜ ମଧ୍ୟରେ ପାଇ ସେମାନଙ୍କ ବିଭିନ୍ନ ସମସ୍ୟା ଜଣାଇଥିଲେ। ମନ୍ତ୍ରୀ ସେମାନଙ୍କ ଅଭିଯୋଗ ଓ ଆବଶ୍ୟକତା ଧୈର୍ଯ୍ୟର ସହ ଶୁଣି ସମ୍ଭବ ଶୀଘ୍ର ସମାଧାନ ପାଇଁ ପ୍ରଶାସନକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ପୁଇଁତଲା ବ୍ଲକର କୁଳେରବାହାଲୀ, ଲସ୍ତଲା, ଲୋଇସିଂହା ବ୍ଲକର ସେମେଲମୁଣ୍ଡା, ଲୋଇସିଂହା, ଆଗଲପୁର ବ୍ଲକର ଡୁଙ୍ଗୁରିପାଲି, ରଫାଖାଲ, ବିନ୍ଧାପାଲି, କଣ୍ଡିପାଲି, ବାଇଗଣଖାରି ଛକ, ବାବୁଫାସଡ଼, ଲାଟସର ଗାଁ ବୁଲି ଦେଖିଛନ୍ତି। ତାଙ୍କର ଏହି ଗସ୍ତବେଳେ ଜିଲ୍ଲାପ୍ରଶାସନ ଏବଂ ବ୍ଲକ ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ।

# ପଏଁରୀ ଅନୁଷ୍ଠାନ ପକ୍ଷରୁ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ

ସୁବର୍ଣ୍ଣପୁର,୩୧/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଏବଂ ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର, ନୂଆଁ ଦିଲ୍ଲୀ ସହଯୋଗରେ ଆଜି ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଥିଲା । ସାରସ୍ୱତ ଗୁରୁ ଶିଷ୍ୟ ପରମ୍ପରା ସହିତ ଲୋକନୃତ୍ୟ କରସମାନୀ ପ୍ରଦର୍ଶନ କରା ଯାଇଥିଲା । ଅନୁଷ୍ଠାନ ର ସଭାପତି ଲଡୁକିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏବଂ ସଂପାଦକ ଚୌଧୁରୀ ବିଭାରବଙ୍କ ସଂଯୋଜନାରେ ଜିଲ୍ଲାର କଳା, ନାଟକ, ସଂଗୀତ, ନୃତ୍ୟ ଓ ସଂସ୍କୃତିକୁ ନିଜର ନିଷା ଭାବରେ ଆପଣେଇ ନେଇଥିବା ପ୍ରବୀଣ ବର୍ଷିଆନ ଗୁରୁ ଏବଂ ଶିଷ୍ୟ ମାନଙ୍କୁ ଅନୁଷ୍ଠାନ ତରଫରୁ ଗୁରୁଶ୍ରୀ ଓ ଶିଷ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉଲୁଣ୍ଡା ବ୍ଲକର ଶ୍ରୀପୁରା ଗ୍ରାମର ଗୁରୁ ନେପାଲ ଭୋଇ, ଡୁଂଗୁରିପାଲି ବ୍ଲକର ବେହେରାମାଳ ଗ୍ରାମର ତାଳସମ୍ପ୍ରଦା କଳାକାର ଗୁରୁ ଅକୃର୍ ପଧାନ, ସମଲେଇଚୁଆଁର ମଂଚ ଅଭିନେତା ଗୁରୁ ଯୁଗଲାଲ ପଧାନ, ଗିଧମାଲ ର କରମସାନୀ କଳାକାର ଗୁରୁ ଚଉବନ ଭୋଇ, ସୋନପୁର ଘୋଡାଘାଟପରା କଳାକାର ଗୁରୁ ସଦାମ ନାଏକ ଓ ବିନିକା ବ୍ଲକର କରମସାନୀ ବାଦ୍ୟ ଶିଳ୍ପୀ ଗୁରୁ ଘନଶ୍ୟାମ ଭୁଏ "ତପ୍ସ୍ୱିଶ୍ରୀ ସମ୍ମାନ-୨୦୨୬" ରେ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଓ ଫୁଲତୋଡା ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା । ସେହିପରି ଶ୍ରୀ ଦାଶରଥି ମହାନନ୍ଦିଆ, ଶ୍ରୀ ସନ ବଘାର ଓ ଶ୍ରୀ ବୁଲୁ ବାଘ ପ୍ରମୁଖଙ୍କୁ "ଶିଷ୍ୟଶ୍ରୀ ସମ୍ମାନ-୨୦୨୬" ମଧ୍ୟ ସମ୍ମାନିତ କରାଯାଇଥିଲା । ପ୍ରଥମେ କଳାକାର ଗୁରୁ ଗୋକୁଳ ମାଝି ଓ ମହାଦେବ ବେହେରା ଆବାହନୀ ସଂଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଶ୍ରୀବସ୍ତ ମଲ୍ଲିକ, ଶ୍ରୀ ଅଭିମନ୍ୟୁ କୁଶଳ ଓ ଶ୍ରୀମତୀ ମମତା ଦାସ, ସୋନପୁର ସମ୍ମାନୀତ ଅତିଥି ଓ ଐତିହାସିକ, ଲେଖକ ଗୁରୁ ସୁଦାମ ନାଏକ ଆଲୋକଚ ଭାବରେ ଉପସ୍ଥିତ ରହି ଏହା ଗୋଟିଏ ନିଆରା ଗୁରୁଶିଷ୍ୟ ପରମ୍ପରା ର ନିର୍ଦ୍ଦଶନ ସହିତ ଉଚ୍ଚ କୋଟିର କାର୍ଯ୍ୟକ୍ରମ ବୋଲି ମତ ବ୍ୟକ୍ତ କରିଥିଲେ । ପୁରୀ ଶ୍ରୀମନ୍ଦିରର ନିଳଚକ୍ର କୁ କପଡାରେ ଡିଜାଇନ କରି ସାଉତ ଚାଇନାରେ ଶ୍ରେଷ୍ଠ ଡାଜାଇନର ପୁରସ୍କାର ପାଇଥିବା ଶ୍ରୀମତୀ ମମତା ଦାସଙ୍କୁ ଅନୁଷ୍ଠାନ ତରଫରୁ ବିପୁଳ ସମ୍ବର୍ଦ୍ଧନା କରାଯାଇଥିଲା । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଲୋକନୃତ୍ୟ ଓ ଲୋକଗୀତ କରମସାନୀ ପରିବେଷଣ ହୋଇଥିଲା । ଅନୁଷ୍ଠାନର ଉପ-ସଭାପତି ଶ୍ରୀ ପ୍ରଫୁଲ୍ଲ କୁମାର ନାଏକ ଅତିଥି ପରିଚୟ ପ୍ରଧାନ କରିଥିଲେ ଏବଂ କାର୍ଯ୍ୟକ୍ରମର ଶେଷରେ ସହ ସଂପାଦକ ଶ୍ରୀ ପୃଥିରାଜ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଗୋପାଳ ମେହେର, ସନ୍ତୋଷ ମିଶ୍ର, ସୌମ୍ୟ ରଂଜନ ସେଠୀ, ଅମିତ ସାହୁ ଶଙ୍କର ମେହେର, ଶ୍ରୀମତୀ ସସ୍ମିତା ରାଣୀ ଦୀପ ଓ ସୁଶାନ୍ତ ସାହୁ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଲୋକ କଳାକାର ଅଂଶଗ୍ରହଣ କରିଲେ । କଳାକାର ଗୁରୁ ସଦାନନ୍ଦ ମାଝି, ଗୁରୁ ଗୋକୁଳ ମାଝି, ଗୁରୁ ନିରାକାର ଦେହୁରୀ, ଗୁରୁ ରମେଶ ପଧାନ, ଗୁରୁ ବୌରାଗୀ ବାଘ, ଗୁରୁ ଶ୍ୟାମ ସୁନ୍ଦର ସୁନା, ସିଲନ ଭୋଇ, ଗୁରୁ ମାନଭଂଜନ ଭୋଇ, ଜୟଶ୍ୱର କୁମ୍ଭାର, ଗଜନ୍ଦ୍ରିର ରାଣଭଂସିଆ, କୁମାର ମହାନନ୍ଦ, ସିଧେଶ୍ୱର ରାଜହଂସ, ଚନ୍ଦ୍ରଶେଖର କର୍ମ, କରୁଣା ବଗତି, ପରିକ୍ଷିତ ବଗର୍ତି, କୃତିବାସ ବଗର୍ତି, ଭଜନ କମ୍ଭାର, ନାରାୟଣ କୁମ୍ଭାର, ରାଘବ ସୁନା, ଶ୍ରୀଧର ପେରା ପ୍ରମୁଖ ଗୀତ ଓ ନାଚ ପରିବେଷଣ କରିଥିଲେ ।

# ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାସ୍ତରୀୟ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା

କନ୍ଧମାଳ,୩୧/୦୭ (ନି.ପ୍ର): ଫୁଲବାଣୀରେ ଜିଲ୍ଲା ସ୍ତରୀୟ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବି.ଏନ.ଆଇ. ବାଙ୍ଗାଲୋର ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ କନ୍ଧମାଳ ମିଳିତ ସହଯୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀର ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଏକ ଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଡା. ପ୍ରଶନ୍ନ କୁମାର ତ୍ରିପାଠୀ, ମାନସିକ ସ୍ୱାସ୍ଥ୍ୟ ବିଭାଗର ମାଳତୀ ବେହେରା, ଫାଦର୍ ମଦନ ସୁଆଲ ସିଂ (ସଂପାଦକ ଜନ ବିକାଶ), ସମାଜସେବୀ ମନୋଜ କୁମାର ମିଶ୍ର, ଡା. ଶୁଭମ୍ (ନିପିଡୀଡ୍), ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ପ୍ରବୀଣ କୁମାର ଦିଗାଲ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରନତ୍ନେଶ୍ୱର ସାହୁ ଏବଂ ସ୍ୱେଚ୍ଛାସେବୀ ତଥା ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ଯୋଗଦେବା ସହିତ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିକାବାଲି ଏବଂ କ.ନୂଆଗାଁର ୧୬ ଗୋଟି ଗ୍ରାମ ପଂଚାୟତରୁ ୪୪ ଜଣ ଯତ୍ନକାରୀ ଏବଂ ମାନସିକ ଅସୁସ୍ଥ ବ୍ୟକ୍ତି ଯୋଗଦାନ କରିଥିଲେ । ଆରକ୍ଷୀ ଅଧିକ୍ଷକ, ଜିଲ୍ଲାରେ ନିଶା ଦ୍ରବ୍ୟର ବ୍ୟବହାର ଦ୍ୱାରା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧିକୁ ଦଣ୍ଡ ବିଧାନ ନକରି ଚିକିତ୍ସା ଏବଂ ପରିବାର ସହାୟତାରେ କିପରି ରୋକାଯାଇ ସେମାନଙ୍କୁ ଥଇଥାନ କରାଯାଇପାରିବ ଏବଂ ବାହାରେ ବୁଲୁଥିବା ମାନସିକ ଅସୁସ୍ଥ ବ୍ୟକ୍ତିମାନେ କିପରି ପୋଲିସ ପ୍ରଶାସନ ସହାୟତାରେ ମାନସିକ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚିକିତ୍ସିତ ହୋଇପାରିବେ ସେ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ସ୍ୱାତୀର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ସ୍ୱାତୀ ର ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରୁ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ପ୍ରଶଂସା କରି ତାଙ୍କର ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି ଡା. ପ୍ରଶନ୍ନ କୁମାର ତ୍ରିପାଠୀ ପ୍ରତିଶୃତି ଦେଇଥିଲେ । ପରିବାର ମଧ୍ୟରେ ରହି ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କୁ ପରାମର୍ଶ ଏବଂ ଚିକିତ୍ସା ମାଧ୍ୟମରେ କିପରି ସମଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇ ପାରିବ, ଉଦାହରଣ ମାଧ୍ୟମରେ ସମାଜସେବୀ ମନୋଜ କୁମାର ମିଶ୍ର ସମସ୍ତଙ୍କୁ ବୁଝାଇଥିଲେ । ମାନସିକ ସ୍ୱାସ୍ଥ୍ୟ ବିଭାଗର ମାଳତୀ ବେହେରା, ଉପସ୍ଥିତ ଥିବା ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ଯତ୍ନକାରୀ ମାନଙ୍କୁ ସେବା, ଯତ୍ନ ବିଷୟରେ କହିଥିଲେ । ଫାଦର୍ ମଦନ ସୁଆଲ ସିଂ (ସଂପାଦକ ଜନ ବିକାଶ) ସମାଜରେ ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କ ପ୍ରତି ଥିବା ଘୃଣା ଭାବ ଏବଂ ପରିବାରର ବୋଝ ବିଷୟରେ ଉଦାହରଣ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସମସ୍ତେ କିପରି ମହିଳା ମାନଙ୍କୁ ପ୍ରାଧାନ୍ୟ ଦେଇ ଏହି ସେବା କାର୍ଯ୍ୟରେ ଆଗେଇ ଆସିବେ ଏବଂ ଆବଶ୍ୟକ ସ୍ଥଳେ ପୋଲିସ ର ସହାୟତା ନେଇ କାମ କରିପାରିବେ, ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ନିଜର ଅନୁଭୂତି ମାଧ୍ୟମରେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ଫୁଲବାଣୀ ଭେଷଜ ମହାବିଦ୍ୟାଳୟର ନାମକରଣକୁ ଜିଲ୍ଲା ଆଦିବାସୀ ମିଳିତ ମଂଚର ବିରୋଧ

କନ୍ଧମାଳ,୩୧/୦୭ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଘୋଷଣା ଏବଂ ସରକାରୀ ଭାବେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଆମକୁ ସମସ୍ତଙ୍କୁ ବ୍ୟଥିତ କରିଅଛି। ସରକାରୀ ଭେଷଜ ମହାବିଦ୍ୟାଳୟକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା ଘଟଣାକୁ ବିରୋଧ କରିଛି କନ୍ଧମାଳ ଜିଲ୍ଲା ମିଳିତ ମଂଚ। ଆଜି ଫୁଲବାଣୀ ସ୍ଥିତ ଜିଲ୍ଲା ପ୍ରେସ କ୍ଲବରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଏହାର ଉପଦେଷ୍ଟା ଓ ଆଦିବାସୀ ନେତା ଲମ୍ବୋଦର କହଁର। ସେ କହିବା ଅନୁସାରେ କନ୍ଧମାଳ ଜିଲ୍ଲା ମୋଟ ଜନସଂଖ୍ୟାର ୫୩ ପ୍ରତିଶତ ଥିବା ଆଦିବାସୀ ବହୁଳ ଅଂଚଳରେ ପ୍ରାୟ ୫୧ ପ୍ରତିଶତ କୁଇ(କନ୍ଧ) ସମ୍ପ୍ରଦାୟର ଅଟନ୍ତି। ମୁଷ୍ଟିମେୟ ଲୋକଙ୍କ ପ୍ରଭାବରେ ହେଉ କିମ୍ବା ଚାପରେ କନ୍ଧମାଳ ଜିଲ୍ଲାରେ ଅଧାରୁ ଅଧିକ ଥିବା ଜନସାଧାରଣଙ୍କ ସହ ଆଲୋଚନା ନକରି କୁଇ ସମ୍ପ୍ରଦାୟର ଯୋଗ୍ୟ ବ୍ୟକ୍ତିବିଶେଷଙ୍କ ନାମ ବିଚାରକୁ ନିଆନଯାଇ ଭେଷଜ ମହାବିଦ୍ୟାଳୟ, କନ୍ଧମାଳର ନାମକରଣ କରି ଓଡ଼ିଶା ସରକାର ଅନ୍ୟାୟ କରିଛନ୍ତି। ଏଥିପାଇଁ ଏହାର ଦୃଢ଼ ପ୍ରତିବାଦ କରୁଅଛୁ ବୋଲି କହିଛନ୍ତି। ଏଥିସହ ସେ ଦାବି କରିଛନ୍ତି ଯେ ସରକାର ତୁରନ୍ତ ଏହି ଘୋଷଣା ଏବଂ ସରକାରୀ ଭାବେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ରଦ୍ଦ କରନ୍ତୁ। ନିର୍ବିବାଦୀୟ ତଥା ସର୍ବଗ୍ରହଣୀୟ ନାମ ଅନୁସାରେ ଭେଷଜ ମହାବିଦ୍ୟାଳୟ, କନ୍ଧମାଳକୁ ନାମିତ କରାଯାଉ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଜଲେଶପଟାସ୍ଥିତ ବେସରକାରୀ ସଂସ୍ଥାକୁ ସରକାରୀ କୋଷରୁ ଅର୍ଥ ଖର୍ଚ୍ଚ କରାନଯାଇ ସରକାରୀ ବିଦ୍ୟାଳୟ ଉନ୍ନତିକରଣରେ ସେହି ପାଣ୍ଠିକୁ ବିନିଯୋଗ କରାଯାଉ। ଆମପ୍ରତି ହୋଇଥିବା ଅନ୍ୟାୟର ଉପଯୁକ୍ତ ନ୍ୟାୟ ନପାଇବା ପର୍ଯ୍ୟନ୍ତ ଏହିଭଳି ବିରୋଧ ଜାରି ରହିବ ଏବଂ ଆସନ୍ତା ପନ୍ଦରଦିନ ମଧ୍ୟରେ ସ୍ଥାୟୀ ସମାଧାନ ନ କରାଗଲେ ଏହି ବିରୋଧ ତୀବ୍ରରୂପେ ପ୍ରଦର୍ଶନ ହେବ, ଯାହାର ପରିଣାମ ନିମନ୍ତେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ସମୀର ଘଟାଲ, ସଭାପତି, ମିଳିତ ମଂଚ, ଫୁଲବାଣୀ, କନ୍ଧମାଳ, ରମାକାନ୍ତ ମଲ୍ଲିକ, କାର୍ଯ୍ୟକାରୀ ସଭାପତି, କୁଇ ସମାଜ ସେବା ସମିତି ଫୁଲବାଣୀର ପଂଚାନନ କହଁର, କାର୍ଯ୍ୟକାରିଣୀ ସଦସ୍ୟ, ମନୋଜ କୁମାର ପ୍ରଧାନ, ଆଦିବାସୀ ମହାସଂଘ ଓଡ଼ିଶା, କନ୍ଧମାଳ ଶାଖା, ପଙ୍କଜ ଦିଗାଲ, ସଭାପତି, ପାଣ ସମାଜ କଲ୍ୟାଣ କମିଟି, ଗୌତମ ପ୍ରଧାନଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ଖରସ୍ରୋତାରେ ପ୍ରବଳ ବନ୍ୟା: କୋରାଇର ତିନି ପଂଚାୟତ ପ୍ରଭାବିତ

କୋରାଇ,୩୧/୦୭ (ନି.ପ୍ର): ବୈତରଣୀରେ ବନ୍ୟାର ପ୍ରକୋପ କମିଥିବାବେଳେ ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରର ଆଁ ଭିତରେ କୋରାଇ ବ୍ଲକର ତିନି ପଂଚାୟତ ତଣ୍ଡରା, ବଡ଼ବିରୁହାଁ ଓ ଗୋଲେଇପୁର ପଂଚାୟତ ଗଭୀର ଭାବେ ପ୍ରଭାବିତ ହୋଇଛି। ତଣ୍ଡରା ପଂଚାୟତର ବରେଇ ଓ ଫିରୋଜାବାଦ ଗ୍ରାମକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ବଡ଼ବିରୁହାଁ ପଂଚାୟତର ଅନେକ ଗ୍ରାମରେ ପାଣି ପଶିଛି। ସେହିପରି ଗୋଲେଇପୁର ପଂଚାୟତର ଟିକର, ମକୁନ୍ଦିବିନ୍ଧା (ବଡ଼ତ୍ରୀଲୋଚନପୁର) ତେଲିଆ, କେଉଟନଗୁଆଁ, ମିର୍ଜାପୁର, ମସୁଦପୁର ଗ୍ରାମ ପ୍ରବଳ ମାତ୍ରାରେ ପ୍ରଭାବିତ ହୋଇଛି। ଉକ୍ତ ଗ୍ରାମଗୁଡ଼ିକ ବନ୍ୟା ପାଣିଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ତଣ୍ଡରା ପଂଚାୟତରେ ତିନିଟି ଘରର କାନ୍ଥ ଭାଙ୍ଗି ଯାଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ଅସ୍ଥାୟୀ ଭାବେ ପଲିଥିନ ଯୋଗାଇ ଦିଆଯାଇଛି। ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ଗୋଲେଇପୁର ପଂଚାୟତର ସରପଂଚ ସସ୍ମିତା ମାଝୀ, ତଣ୍ଡରା ସରପଂଚ ମାମୁନୀ ମହାନ୍ତି, ବଡ଼ବିରୁହାଁ ସରପଂଚ ତପନ କୁମାର ମାଝୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ବନ୍ୟା ପରିଚାଳନାରେ ସହଯୋଗ କରୁଛନ୍ତି।

# ପରିବର୍ତ୍ତନ ଓଡ଼ିଶା ପକ୍ଷରୁ ଆନିମେସନ ଫିଲ୍ମ ବିରୋଧରେ ପ୍ରତିବାଦ

ପୁରୀ,୩୧/୦୭ (ନି.ପ୍ର): ସାମାଜିକ ତଥା ସାଂସ୍କୃତିକ ଜାଗରଣ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ବିକୃତ କରି ମହାପ୍ରଭୁ ଜଗନ୍ନାଥ ନାମରେ ଏକ ଆନିମେସନ ଫିଲ୍ମ ମୁକ୍ତିଲାଭ କରିବ । ଏହା ଜଗନ୍ନାଥ ସଂସ୍କୃତି ଓ ବିଚାରଧାରାକୁ କୁଠାରଘାତ କରୁଛି। ଏହାର କାଳ୍ପନିକ କାହାଣୀ ଓ ଚରିତ୍ରକୁ ନେଇ ବିଷୟବସ୍ତୁ ରହିଛି । ଏହାକୁ ଓଡ଼ିଶାରେ ବ୍ୟାନ୍ କରିବାକୁ ଦାବି କରାଯାଇଛି। ପରିବର୍ତ୍ତନ ଓଡ଼ିଶାର ସଭ୍ୟମାନେ ସିଂହଦ୍ୱାର ଠାରେ ପ୍ରତିବାଦ ଓ ନାରାବାଜି କରିଥିଲେ। ଏହି ପ୍ରତିବାଦ ସଭାରେ ମହାସୁଆର ନିଯୋଗର ସମ୍ପାଦକ ଗଣେଶ୍ୱର ମହାସୁଆର, ଆଠ ସାହି ଆଖଡା ସଂଯୋଜକ ନରେନ୍ଦ୍ର ମହାନ୍ତି, ପରିବର୍ତ୍ତନ ଓଡ଼ିଶାର ଉପସଭାପତି କୃଷ୍ଣଚନ୍ଦ୍ର ଦାସ ଓ ସଂଯୋଜକ ଶ୍ୟାମସୁନ୍ଦର ମହାପାତ୍ର, ଚତୁର୍ଧାମ ମଠ ମନ୍ଦିର ସନାତନ ସେବା ସମିତିର ସତ୍ୟ ଦାଶ, ଅମାନ ତ୍ରିପାଠୀ, ଜ୍ୟୋତିରଞ୍ଜନ ମିଶ୍ର, ଦିବାକର ଦାଶ, ସୌମ୍ୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ କରିଥିଲେ ।

# ପ୍ରଧାନ ଶିକ୍ଷକଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ: ଆଶାଳୀନ ବ୍ୟବହାର ଓ କାର୍ଯ୍ୟକଳାପରେ ଅତିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ


ମାଲକାନଗିରି ,୩୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମହୁପଦର ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତା ଧର୍ମରାଜୁଙ୍କ ବିରୋଧରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏକାଧିକ ସଙ୍ଗୀନ ଅଭିଯୋଗ ଆଣି ମାଲକାନଗିରି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଫେରାଦ କରିଛନ୍ତି। ଅଭିଯୋଗପତ୍ରରେ ପ୍ରଧାନ ଶିକ୍ଷକଙ୍କ ବ୍ୟବହାର, ବିଦ୍ୟାଳୟ ପରିଚାଳନା ଓ ଛାତ୍ରଛାତ୍ରୀଙ୍କ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି। ଅଭିଯୋଗ ଅନୁଯାୟୀ, ପ୍ରଧାନ ଶିକ୍ଷକ ବିଦ୍ୟାଳୟ ପରିସରରେ ରହି ବିଳମ୍ବିତ ରାତିରେ ଅଶ୍ଳୀଳ ଭିଡିଓ ଦେଖୁଥିବା କୁହାଯାଇଛି। ତାଙ୍କ ମୋବାଇଲର ଇ-ମେଲ୍ ଆଇଡି ଛାତ୍ରୀ ହଷ୍ଟେଲରେ ଥିବା ଟିଭି ସହ ସଂଯୁକ୍ତ ଥିବାରୁ ସେହି ୱେବସାଇଟର ହିଷ୍ଟ୍ରି ଟିଭିରେ ପ୍ରଦର୍ଶିତ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏହା ଛାତ୍ରୀମାନଙ୍କ ସୁରକ୍ଷା ଓ ମାନସିକ ପରିବେଶ ପ୍ରତି ଗୁରୁତର ପ୍ରଭାବ ପକାଇଥିବା ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏହାଛଡ଼ା, ହଷ୍ଟେଲ ପରିଚାଳନାରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସହକାରୀ ଶିକ୍ଷକମାନଙ୍କୁ କେବଳ ନାମକୁ ହଷ୍ଟେଲ ପରିଚାଳକ ଦାୟିତ୍ୱ ଦିଆଯାଉଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ପ୍ରଧାନ ଶିକ୍ଷକ ନିଜେ କ୍ରୟ କରୁଥିବା ଏବଂ ସହ-ପରିଚାଳକଙ୍କ ଉପରେ ଅଗ୍ରିମ ଅର୍ଥ ଉଠାଣ ଓ ପରିଶୋଧ ପାଇଁ ଚାପ ପକାଉଥିବା ଅଭିଯୋଗ କରାଯାଇଛି। ଅଭିଯୋଗପତ୍ରରେ ଆହୁରି ଉଲ୍ଲେଖ ରହିଛି ଯେ, ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅର୍ଥକୁ ଗତ ତିନି ବର୍ଷ ଧରି ବିନିଯୋଗ କରାଯାଇନାହିଁ। ଏନେଇ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ତାହାକୁ ଗ୍ରହଣ ନକରି ଚିରି ଫିଙ୍ଗି ଦେଉଥିବା ଅଭିଯୋଗ କରାଯାଇଛି। ଶନିବାର ଓ ରବିବାର ଦିନ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଉପସ୍ଥିତ ରହୁନଥିବା ଏବଂ ଏହାର ପ୍ରମାଣ ଅର୍ଡର ବୁକ୍ରୁ ମିଳିପାରିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ସେହିପରି ଜଣେ ଶିକ୍ଷୟିତ୍ରୀଙ୍କ ସହ ବ୍ୟକ୍ତିଗତ ଭାବେ ବାରମ୍ବାର କଥା ହେବାକୁ ଚାପ ପକାଉଥିବା ଅଭିଯୋଗ ମଧ୍ୟ କରାଯାଇଛି।ଦିନେ ସେହି ଶିକ୍ଷୟତ୍ରୀଙ୍କ ଓଢଣୀକୁ ଟାଣୁ ଥିଲେ ବୋଲି ଅଭିଯୋଗ କରିଛନ୍ତି । ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କ ଦ୍ୱାରା ଜାଳେଣି କାଠ ସଂଗ୍ରହ କରାଯାଉଥିବା ଭଳି ଘଟଣା ମଧ୍ୟ ଦେଖାଯାଇଥିବା ବୋଲି ଶିକ୍ଷକମାନେ କହିଛନ୍ତି । ପ୍ରଧାନ ଶିକ୍ଷକଙ୍କ ଆଚରଣ ଓ କାର୍ଯ୍ୟକଳାପ ଯୋଗୁଁ ବିଦ୍ୟାଳୟରେ ଭୟ ଓ ମାନସିକ ଅଶାନ୍ତିର ପରିବେଶ ସୃଷ୍ଟି ହୋଇଥିବାରୁ ତାଙ୍କ ଅଧୀନରେ କାର୍ଯ୍ୟ କରିବା କଷ୍ଟକର ହୋଇପଡ଼ିଛି ବୋଲି ଶିକ୍ଷକ-ଶିକ୍ଷୟିତ୍ରୀମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାରୁ ଏସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ।

# କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ

ଝାରସୁଗୁଡ଼ା,୩୧/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟସେବାର ସମୀକ୍ଷା କ୍ରମରେ ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଡଃ. ବୃନ୍ଦା ଡି କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେ ଔଷଧ ବିତରଣ କେନ୍ଦ୍ର, ବହିର୍ବିଭାଗ, ଅନ୍ତର୍ବିଭାଗ, ଲାବୋରେଟୋରୀ, ପ୍ରସୂତି ଗୃହ ଏବଂ ଅନ୍ୟାନ୍ୟ ରୋଗୀସେବା ଆବଶ୍ୟକ କ୍ଷେତ୍ରଗୁଡ଼ିକର ତଦାରଖ କରିଥିଲେ। ଏହାସହ ସିଏଚ୍‌ସିର ସୁପରିଟେଣ୍ଡେଂଟ, ବିପିଏଚ୍‌ଓ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ ସ୍ୱାସ୍ଥ୍ୟସେବା ଯୋଗାଣ, ଭିତିଭୂମିର ବିକାଶ ଓ ଗୁଣାତ୍ମକ ମାନ ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସମୀକ୍ଷା ସମୟରେ କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନିର୍ଦ୍ଦେଶକଙ୍କ ନଜରକୁ ଆସିଥିଲା, ଯାହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## କ'ଣ ପାଇଁ ହୁଏ ଗଲ୍‌ଷ୍ଟୋନ୍ ?





# ଜାଣନ୍ତୁ ପିତ୍ତାଶୟରେ ପଥର ହେବାର ଲକ୍ଷଣ, କାରଣ, ଚିକିତ୍ସା

ପିତ୍ତାଶୟ ପଥର ବା ଗଲ୍‌ଷ୍ଟୋନ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା, ଯାହା ପିତ୍ତାଶୟରେ କଠିନ ଜମାଟ ଦ୍ରବ୍ୟ ହିସାବରେ ଗଠିତ ହୁଏ। ଏହା ପ୍ରାୟତଃ କୋଲେଷ୍ଟରଲ, ବିଲିରୁବିନ ବା କ୍ୟାଲସିୟମ ଲବଣରୁ ତିଆରି ହୁଏ। ଏହା ଆକାରରେ ବାଲି କଣାଠାରୁ ଆରମ୍ଭ କରି ଗଲ୍ଫ ବଲ୍ ପର୍ଯ୍ୟନ୍ତ ହୋଇପାରେ। ଏହି ସମସ୍ୟା ୫୦ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ଅଧିକ ଦେଖାଯାଏ, ବିଶେଷକରି ମହିଳାଙ୍କଠାରେ।

ଆଜିକାଲି ଏହା ଏକ ସାଧାରଣ ସମସ୍ୟା ପାଲଟିଛି। କେତେକ ସମୟରେ ଏଗୁଡ଼ିକ ଛୋଟ ପଥର ହୋଇଥାଏ ଏବଂ କୌଣସି ଲକ୍ଷଣ ବିନା ରହିଥାଏ, କିନ୍ତୁ ଯେତେବେଳେ ଏହା ବଡ଼ ହୋଇଯାଏ କିମ୍ବା ଗତି କରେ ଏବଂ ଅବରୋଧ ସୃଷ୍ଟି କରେ, ସେତେବେଳେ ପ୍ରବଳ ଯନ୍ତ୍ରଣା, ବାନ୍ତି, ଗ୍ୟାସ କିମ୍ବା ଜ୍ୱର ଭଳି ସମସ୍ୟା ଆରମ୍ଭ ହୁଏ। ଏପରି ପରିସ୍ଥିତିରେ, ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଯେ ଏହାକୁ ଅପରେସନ ବିନା ଭଲ କରାଯାଇପାରିବ କି ଅସ୍ତ୍ରୋପଚାର ଶେଷ ଉପାୟ।

ଲକ୍ଷଣ: ଅନେକ କ୍ଷେତ୍ରରେ ପିତ୍ତାଶୟ ପଥର କୌଣସି ଲକ୍ଷଣ ଦେଖାଏ ନାହିଁ, ଯାହାକୁ "ସାଇଲେଣ୍ଟ ଷ୍ଟୋନ" କୁହାଯାଏ। କିନ୍ତୁ ଯଦି ପଥର ପିତ୍ତ ନଳୀରେ ଅବରୋଧ ସୃଷ୍ଟି କରେ, ତେବେ ନିମ୍ନଲିଖିତ ଲକ୍ଷଣ ଦେଖାଦେଇପାରେ:

-ଉପର ଡାହାଣ ପେଟରେ ତୀବ୍ର କିମ୍ବା ନିରନ୍ତର ଯନ୍ତ୍ରଣା (ବିଲିଆରୀ କୋଲିକ)
-ବାନ୍ତି ଓ ଅଜଣା ଅନୁଭବ
-ପେଟ ଫମ୍ପୁରା ଓ ଗ୍ୟାସ ସମସ୍ୟା
-ଜଣ୍ଡିସ (ଚର୍ମ ଓ ଆଖିରେ ହଳଦିଆ ରଙ୍ଗ)
-ଜ୍ୱର, ଥଣ୍ଡା ଲାଗିବା ବା ଦ୍ରୁତ ହୃତ୍ସ୍ପନ୍ଦନ

ପିତ୍ତ ପଥର ପଛରେ କାରଣ:

ପିତ୍ତ ପଥର ପଛରେ ଅନେକ କାରଣ ଥାଇପାରେ। ସବୁଠାରୁ ସାଧାରଣ କାରଣ ହେଉଛି ଶରୀରରେ କୋଲେଷ୍ଟ୍ରଲ ଅତ୍ୟଧିକ ହେବା। ଯେଉଁ ଲୋକମାନଙ୍କର ଖାଦ୍ୟ ବହୁତ ତେଲିଆ ଏବଂ ମସଲାଯୁକ୍ତ ଖାଦ୍ୟ ଥାଏ କିମ୍ବା ଯେଉଁମାନେ ଦୀର୍ଘ ସମୟ ଧରି ଭୋକିଲା ରୁହନ୍ତି, ସେମାନଙ୍କ ପାଖରେ ଏହି ରୋଗର ଆଶଙ୍କା ଅଧିକ ଥାଏ। ସ୍ଥୂଳତା, ମଧୁମେହ, ଚର୍ବି ଯକୃତ, ଦ୍ରୁତ ଓଜନ ହ୍ରାସ, ଦୀର୍ଘକାଳୀନ ଗର୍ଭନିରୋଧକ ବଟିକା ବ୍ୟବହାର ଏବଂ ଗର୍ଭାବସ୍ଥା ପରେ ମହିଳାମାନଙ୍କ ହରମୋନ ପରିବର୍ତ୍ତନ ମଧ୍ୟ ଏହି ରୋଗର ବିପଦକୁ ବୃଦ୍ଧି କରେ।

ଚିକିତ୍ସା: ଲକ୍ଷଣବିହୀନ ପଥର ପାଇଁ ସାଧାରଣତଃ ଚିକିତ୍ସାର ଆବଶ୍ୟକତା ନଥାଏ। କିନ୍ତୁ ଯଦି ଯନ୍ତ୍ରଣା ବା ଜଟିଳତା ଦେଖାଦିଏ, ତେବେ ନିମ୍ନଲିଖିତ ଚିକିତ୍ସା ବିକଳ୍ପ ଉପଲବ୍ଧ: ଅସ୍ତ୍ରୋପଚାର (କୋଲେସିଷ୍ଟେକ୍ଟୋମୀ): ପିତ୍ତାଶୟ ଅପସାରଣ ହେଉଛି ସବୁଠାରୁ ସାଧାରଣ ଓ ପ୍ରଭାବଶାଳୀ ଚିକିତ୍ସା। ଲାପାରୋସ୍କୋପିକ କୋଲେସିଷ୍ଟେକ୍ଟୋମୀ (କୀହୋଲ ସର୍ଜରୀ) ସାଧାରଣତଃ କରାଯାଏ, ଯାହା ୬୦-୯୦ ମିନିଟ ସମୟ ନେଇଥାଏ ଏବଂ ରୋଗୀ ସାଧାରଣତଃ ଦିନେ ମଧ୍ୟରେ ଘରକୁ ଫେରିପାରନ୍ତି। ପିତ୍ତାଶୟ ଅପସାରଣ ପରେ ବିଲେ ସିଧାସଳଖ ଯକୃତରୁ କ୍ଷୁଦ୍ରାନ୍ତ୍ରକୁ ଯାଇଥାଏ, ଯାହା ସାଧାରଣତଃ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରେ ନାହିଁ।

ନିର୍ଣ୍ଣୟ: ପିତ୍ତାଶୟ ପଥର ନିର୍ଣ୍ଣୟ ପାଇଁ ନିମ୍ନଲିଖିତ ପରୀକ୍ଷା କରାଯାଏ:

-ଆଲଟ୍ରାସାଉଣ୍ଡ: ଏହା ସବୁଠାରୁ ସାଧାରଣ ଓ ନିରାପଦ ପଦ୍ଧତି।
-CT ସ୍କାନ, MRI, MRCP ବା EUS: ଛୋଟ ପଥର ବା ନଳୀରେ ଅବରୋଧ ଚିହ୍ନଟ କରିବା ପାଇଁ।
-ରକ୍ତ ପରୀକ୍ଷା: ସଂକ୍ରମଣ, ଜଣ୍ଡିସ ବା ପାଙ୍କ୍ରିଆଟାଇଟିସ ଚିହ୍ନଟ କରିବା ପାଇଁ।

ପ୍ରତିରୋଧ: ପିତ୍ତାଶୟ ପଥର ରୋକିବା ପାଇଁ ନିମ୍ନଲିଖିତ ପଦକ୍ଷେପ ନେଇପାରିବେ:

ସ୍ୱାସ୍ଥ୍ୟକର ଖାଦ୍ୟ: ଫାଇବରଯୁକ୍ତ ଖାଦ୍ୟ ଖାଆନ୍ତୁ, ଚର୍ବିଯୁକ୍ତ ଓ ପ୍ରୋସେସ୍ଡ ଫୁଡ୍‌କୁ ଏଡ଼ାନ୍ତୁ।

ଓଜନ ନିୟନ୍ତ୍ରଣ: ଦ୍ରୁତ ଓଜନ ହ୍ରାସ ଏଡ଼ାନ୍ତୁ, ଧୀରେ ଧୀରେ ଓଜନ କମାନ୍ତୁ।

ନିୟମିତ ଶାରୀରିକ କାର୍ଯ୍ୟକଳାପ: ଏହା ପିତ୍ତାଶୟର ସଠିକ କାର୍ଯ୍ୟକୁ ସହାୟକ ହୁଏ।

ପର୍ଯ୍ୟାପ୍ତ ଜଳ ପାନ: ଦିନକୁ ୬-୮ ଗ୍ଲାସ ଜଳ ପିଅନ୍ତୁ।

ଜଟିଳତା:

ଚିକିତ୍ସା ନକଲେ ପିତ୍ତାଶୟ ପଥର ନିମ୍ନଲିଖିତ ଜଟିଳତା ସୃଷ୍ଟି କରିପାରେ:

କୋଲେସିଷ୍ଟାଇଟିସ: ପିତ୍ତାଶୟରେ ପ୍ରଦାହ।

ପାଙ୍କ୍ରିଆଟାଇଟିସ: ପିତ୍ତ ନଳୀ ଅବରୋଧ ହେଲେ ଅଗ୍ନାଶୟରେ ପ୍ରଦାହ।

ଜଣ୍ଡିସ: ବିଲେ ପ୍ରବାହ ଅଟକିବା ଯୋଗୁଁ ଚର୍ମ ଓ ଆଖି ହଳଦିଆ ହେବା।

ପିତ୍ତାଶୟ କର୍କଟ: ବିରଳ ହେଲେ ମଧ୍ୟ ଏକ ଜଟିଳତା।

ଯଦି ଆପଣ ପେଟରେ ତୀବ୍ର ଯନ୍ତ୍ରଣା, ଜଣ୍ଡିସ ବା ଜ୍ୱର ଅନୁଭବ କରୁଛନ୍ତି, ତୁରନ୍ତ ଜଣେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ବା ସର୍ଜନଙ୍କୁ ପରାମର୍ଶ କରନ୍ତୁ। ସଠିକ ନିର୍ଣ୍ଣୟ ଓ ଚିକିତ୍ସା ଦ୍ୱାରା ପିତ୍ତାଶୟ ପଥରର ଜଟିଳତାକୁ ଏଡ଼ାଯାଇପାରିବ।

## ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା

ସନ୍ତୁଳିତ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା ପ୍ରାୟ ଅନେକେ ଜାଣନ୍ତି। ହେଲେ ଏଭଳି ଖାଦ୍ୟର ସୁପ୍ରଭାବ ମାନସିକତା ଉପରେ ମଧ୍ୟ ପଡ଼ିଥାଏ। ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡିଛି। 'ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବା ଫଳରେ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିଲା। କେବଳ ସନ୍ତୁଳିତ ଖାଦ୍ୟ ନୁହେଁ, ନିୟମିତ ବ୍ୟାୟାମ, ଯୋଗ କଲେ ମଧ୍ୟ ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ।



## କେମିତି ମିଳିବ ଶନିଦେବଙ୍କ କୃପା ଦୃଷ୍ଟି

### ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...



■ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ। ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ। କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ।

■ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ।

■ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ।

■ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ। ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ।

■ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ।

■ସକାଳ ଅବା ସନ୍ଧ୍ୟା ସମୟ ଦାନ ପାଇଁ ଉପଯୁକ୍ତ ହୋଇଥାଏ।

## ସବୁଜ ଚା' ନା ନିମ୍ବ ପତ୍ର କେଉଁଟି ଭଲ କେଶ ପାଇଁ ?

### ଦୀର୍ଘ ଓ ଘନ କେଶ କାହାକୁ ବା ପସନ୍ଦ ନୁହେଁ ? ଉଭୟ ପୁରୁଷ ଓ ମହିଳାଙ୍କୁ ଘନ କେଶ ପସନ୍ଦ। ହେଲେ ଉତ୍ତମ କେଶ ମନକୁ ମନ ହୋଇଯାଏନି। ସେଥିପାଇଁ ଆମକୁ କିଛି ଘରୋଇ ଉପଚାର କରିବାକୁ ପଡ଼ିଥାଏ। ଆଜିକାଲି ଲୋକ ଅନେକ ଘରୋଇ ଉପଚାର ଆପଣଉଛନ୍ତି ମଧ୍ୟ।

କେଶକୁ ବଢ଼ାଇବା ପାଇଁ ଲୋକ ସବୁଜ ଚା' ଓ ନିମ୍ବ ପତ୍ରକୁ ପ୍ରୟୋଗ କରିଥାନ୍ତି। ମାତ୍ର ଏହି ଦୁଇଟି ପତ୍ର ମଧ୍ୟରୁ କେଉଁଠି ଆପଣଙ୍କ କେଶ ପାଇଁ ଅଧିକ ଲାଭକାରୀ ଜାଣନ୍ତି କି ? ଏହି କଥା ଅଧିକାଂଶ ଲୋକ ଜାଣନ୍ତି ନାହିଁ। ଚାଲନ୍ତୁ ଜାଣିବା ଉତ୍ତମ କେଶ ପାଇଁ କାହାର ପ୍ରୟୋଗ କରିବା ଉଚିତ।

ସବୁଜ ଚା' ପତ୍ର ଏ ଦୃଷ୍ଟିରୁ ବହୁତ ଭଲ। ସବୁଜ ଚା' ପିଇବା ଯେପରି ଭଲ ତାହାକୁ ବାଟିକି ମୁଣ୍ଡରେ ଲେପ ଦେବା ବି ଭଲ ହୋଇଥାଏ। ନିମ୍ବ ପତ୍ରକୁ ବି ଲେପ କରି କେଶରେ ଲଗାଇବା ଭଲ। ଏହି ନିମ୍ବ ପତ୍ର କେଶରୁ ଉକୁଣି ସମସ୍ୟା ବି ଦୂର କରିଥାଏ।

ସବୁଜ ଚା' ଓ ନିମ୍ବ ପତ୍ରର ସ୍ପ୍ରେ ବି ସପ୍ତାହକୁ ଥରେ ଦୁଇ ଥର କରିବା ଭଲ। ସବୁଜ ଚା'ରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ କେଶର ବୃଦ୍ଧି ପାଇଁ ଖୁବ୍ ଭଲ କାମ କରେ।

ସେହିପରି ନିମ୍ବରେ ରହିଛି ଆଣ୍ଟି ବାକ୍ଟେରିୟାଲ୍ ଏବଂ ଆଣ୍ଟି ଫଙ୍ଗଲ ଗୁଣ। ଯାହାକି କେଶକୁ ରୂପି ସମସ୍ୟାରୁ ରକ୍ଷା କରେ।





## ଚା', କଫି ଛାଡ଼ନ୍ତୁ: ସୁସ୍ଥ ରହିବାକୁ ଚାହୁଁଥିଲେ ପଇଡ଼ ପାଣି ପିଅନ୍ତୁ

ଉଭୟ ଖାଇବା ଓ ପିଇବା ମଣିଷ ଶରୀର ପାଇଁ ଜରୁରୀ। ଉପଯୁକ୍ତ ଖାଦ୍ୟ ଓ ପାନୀୟର ଅଭାବ ହେଲେ ଶରୀରରେ ବିଭିନ୍ନ ପ୍ରକାରର ରୋଗ ହୁଏ।

ଆମେ ଭାରତୀୟ ଲୋକମାନେ ଚା ଓ କଫି ପିଇବାକୁ ଖୁବ୍ ଭଲପାଆନ୍ତି। ହେଲେ ଏହି ସବୁ ପାନୀୟରେ କ୍ୟାଫିନ ଥିବା ହେତୁ ଏହା ଶରୀର ପାଇଁ ଉପଯୁକ୍ତ ହୋଇନଥାଏ।

ତେଣୁ ସବୁଠାରୁ ଭଲ ପାନୀୟ ଭାବେ ଆମେ ପଇଡ଼ ପାଣିକୁ ନେଇପରିବା। ପଇଡ଼ ପିଇବା ଦ୍ୱାରା ଶରୀରର ନାନା ରୋଗ ଭଲ ହୋଇଯାଏ।

ଏଥିରେ ରହିଛି ଭିଟାମିନ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଏବଂ ବିଭିନ୍ନ ପ୍ରକାରର ମିନେରାଲ୍ସ। ଯାହାକି ଶରୀର ପାଇଁ ଖୁବ୍ ଭଲ।

ପଇଡ଼ ପିଇବା ଦ୍ୱାରା ଗ୍ୟାଷ୍ଟ୍ରିକ, ହଜମ ସମସ୍ୟା ଆଦି ଦୂର ହୋଇଥାଏ। ପେଟରେ ଥିବା ସଂକ୍ରମଣ ବି ପଇଡ଼ ପିଇବା ଦ୍ୱାରା ଭଲ ହୋଇଯାଏ।

ଜଣ୍ଡିସ, ରକ୍ତଚାପ ରୋଗୀ, ଗର୍ଭବତୀ ମହିଳା ଆଦି ପଇଡ଼ ପିଇବା ଖୁବ୍ ଭଲ।

ପଇଡ଼ ମନ ଇଚ୍ଛା ପାଇପାରିବେ ନାହିଁ। ଦିନକୁ ୨ ଥର ପଇଡ଼ ପିଇବା ଉଚିତ। ଥରେ ପିଇଲେ ବି ଚଳିବ। ନିଜକୁ ଫିଟ୍ ରଖିବାକୁ ଅତି କମରେ ସପ୍ତାହକୁ ଥରେ ପଇଡ଼ ପିଅନ୍ତୁ।



## ସକାଳେ ଖାଲି ପେଟରେ ହଳଦୀ ପାଣି ପିଇଲେ ମିଳିଥାଏ ଅନେକ ଲାଭ

ସକାଳେ ଖାଲି ପେଟରେ ଖାଉଥିବା କିମ୍ବା ପିଉଥିବା ଖାଦ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କିପରି ହେବ ତାହା ନିର୍ଣ୍ଣୟ କରେ। ଯଦି ଆପଣ ଖାଲି ପେଟରେ ସୁସ୍ଥ ଖାଦ୍ୟ ଖାଆନ୍ତି, ତେବେ ଆପଣ ସାରା ଦିନ ଆକ୍ଟିଭ୍ ରହିବେ। ଯଦି ଜଙ୍କଫୁଡ୍ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟ ସହିତ ଆପଣ ଦିନଚର୍ଯ୍ୟା ଆରମ୍ଭ କରନ୍ତି, ତେବେ ତୁରନ୍ତ ରୋଗ ମାଡ଼ିଆସିବ। ଏପରି ସ୍ଥିତିରେ ଖାଲି ପେଟରେ ହଳଦୀ ପାଣି ପିଇବା ବହୁତ ଲାଭଦାୟକ ହୋଇଥାଏ। ହଳଦୀ ହେଉଛି ଭାରତୀୟ ରୋଷେଇ ଘରେ ବ୍ୟବହୃତ ହେଉଥିବା ଏକ ସାଧାରଣ କିନ୍ତୁ ବହୁତ ଶକ୍ତିଶାଳୀ ମସଲା। ଏଥିରେ ଥିବା କରକ୍ୟୁମିନ ଏକ ଆଣ୍ଟିଅକ୍ସିଡାଣ୍ଟ, ପ୍ରଦାହ-ରୋଧକ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ବୋଲି ବିବେଚନା କରାଯାଏ। ବିଶେଷକରି ଯେତେବେଳେ ହଳଦୀକୁ ସକାଳେ ଖାଲି ପେଟରେ ଉଷୁମ ପାଣି ସହିତ ପିଇଥାନ୍ତି ଏହାର ଲାଭ ଆହୁରି ବଢ଼ିଯାଏ। ଆୟୁର୍ବେଦ ଏବଂ ବିଜ୍ଞାନ ଉଭୟ କୁହନ୍ତି ଯେ, ହଳଦୀ ପାଣି ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇପାରେ। ଆୟୁର୍ବେଦ ବିଭାଗର ମୁଖ୍ୟ ଡାକ୍ତର ଏହାର ଉପାଦେୟ ବିଷୟରେ କହିଛନ୍ତି।

# କଟୁ ମନ୍ତବ୍ୟ କ'ଣ ଅପରାଧ ? ବାକ୍ ସ୍ୱାଧୀନତା ଉପରେ ଉଠୁଥିବା ନୂଆ ପ୍ରଶ୍ନ

ସାମ୍ପ୍ରତିକ ସମୟରେ ଭାରତୀୟ ରାଜନୀତି ଏବଂ ଆଇନ ବ୍ୟବସ୍ଥାରେ ବାକ୍ ସ୍ୱାଧୀନତା ଏବଂ ସମାଲୋଚନାକୁ ନେଇ ଏକ ବୃହତ ବିତର୍କ ସୃଷ୍ଟି ହୋଇଛି । ଗତ ଜୁଲାଇ ୨୯ ତାରିଖରେ ଦିଲ୍ଲୀର ଯନ୍ତରମନ୍ତର ଠାରେ ଅନୁଷ୍ଠିତ ଏକ ବିକ୍ଷୋଭ ପ୍ରଦର୍ଶନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ କରାଯାଇଥିବା କିଛି ମନ୍ତବ୍ୟକୁ ନେଇ ନୋଏଡା ପୋଲିସ ଜଣେ ୨୫ ବର୍ଷୀୟା ଯୁବତୀଙ୍କ ବିରୋଧରେ ଏକ 'ଜିରୋ ଏଫଆଇଆର' ରୁଜୁ କରିବା ପରେ ଏହି ପ୍ରସଙ୍ଗ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରା ୩୫୨, ୩୫୩(୧) ଏବଂ ୩୫୬(୧) ଅଧୀନରେ ଅପମାନ, ସାର୍ବଜନୀନ ବିଶୃଙ୍ଖଳା ଏବଂ ମାନହାନି ଅଭିଯୋଗରେ ଏହି ମାମଲା ଦାୟର କରାଯାଇଛି । ଏହି ଘଟଣାଟି କେବଳ ଜଣେ ବ୍ୟକ୍ତିଙ୍କ ମନ୍ତବ୍ୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନପ୍ରତିନିଧିମାନଙ୍କ ପ୍ରତି ରହୁଥିବା ଅସନ୍ତୋଷର ପ୍ରକାଶ ଏବଂ ତାହାକୁ ନିୟନ୍ତ୍ରଣ କରିବା ପାଇଁ ରାଷ୍ଟ୍ରଶକ୍ତିର ପ୍ରୟୋଗ ମଧ୍ୟରେ ଥିବା ସୂକ୍ଷ୍ମ ରେଖାକୁ ଦର୍ଶାଉଛି । ଗଣତନ୍ତ୍ରରେ ନେତାମାନଙ୍କୁ ସମାଲୋଚନା କରିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିବା ବେଳେ, କଟୁ ବା ଅଶୋଭନୀୟ ଭାଷାର ପ୍ରୟୋଗ କେବେଠାରୁ ଏକ ଅପରାଧରେ ପରିଣତ ହେଲାଣି, ତାହା ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଏବଂ ନୈତିକ ପ୍ରଶ୍ନ ଭାବରେ ଉଭା ହୋଇଛି । ସାଧାରଣ ନାଗରିକଙ୍କ କ୍ରୋଧ ବା ନୈରାଶ୍ୟର ପରିପ୍ରକାଶକୁ ଆଇନର କଠୋର ଧାରା ଲଗାଇ ଦବାଇ ଦେବାର ପ୍ରୟାସ ଭାରତୀୟ ସମ୍ବିଧାନର ଧାରା ୧୯(୧)(କ) ରେ ପ୍ରଦାନ କରାଯାଇଥିବା ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ମୂଳ ଲକ୍ଷ୍ୟକୁ କ୍ଷୁର୍ଣ୍ଣ କରୁଛି ବୋଲି ଅନେକ ଆଇନ ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି ।

ସାଧାରଣତଃ ଏଭଳି ବିବାଦୀୟ ପରିସ୍ଥିତିରେ ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକ ଅଶ୍ଳୀଳତା ବା ଅଶୋଭନୀୟ ଆଚରଣକୁ ଆଧାର କରି ମାମଲା ରୁଜୁ କରିଥାନ୍ତି । ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬ (ଯାହା ପୂର୍ବରୁ ଭାରତୀୟ ପିଙ୍ଗଳ କୋଡ୍ ବା ଆଇପିସିର ଧାରା ୨୯୪ ଥିଲା) ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ଅନ୍ୟମାନଙ୍କୁ ବିରକ୍ତ କରିବା ଭଳି କୌଣସି ଅଶ୍ଳୀଳ କାର୍ଯ୍ୟ କରନ୍ତି ବା ଅଶ୍ଳୀଳ ଶବ୍ଦ ପ୍ରୟୋଗ କରନ୍ତି, ତେବେ ତାଙ୍କୁ ତିନି ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବାକୁ ପଡିପାରେ । ତେବେ ଆଇନଗତ ଭାଷାରେ 'ଅଶ୍ଳୀଳତା' ଶବ୍ଦର ଏକ ନିର୍ଦ୍ଦିଷ୍ଟ ଏବଂ ସୀମିତ ଅର୍ଥ ରହିଛି ଯାହାକୁ ନ୍ୟାୟାଳୟଗୁଡ଼ିକ ବହୁତ ସତର୍କତାର ସହ ବ୍ୟାଖ୍ୟା କରିଛନ୍ତି । ଭାରତୀୟ ଆଇନ ବ୍ୟବସ୍ଥାରେ ଅଶ୍ଳୀଳତାର ପରିଭାଷା ସମୟ କ୍ରମେ ବ୍ୟାପକ ପରିବର୍ତ୍ତନ ଦେଇ ଗତି କରିଛି । ୧୯୬୫ ମସିହାରେ 'ରଣଜିତ ଡି. ଉଦେଶୀ ବନାମ ମହାରାଷ୍ଟ୍ର ସରକାର' ନାମକ ଏକ ଐତିହାସିକ ମାମଲାରେ ସୁପ୍ରିମକୋର୍ଟ ଡି.ଏଚ. ଲରେନ୍ସଙ୍କ ବିବାଦୀୟ ଉପନ୍ୟାସ 'ଲେଡି ଚାଟରଲିଜ୍ ଲଭର' ଉପରେ ଲାଗିଥିବା ପ୍ରତିବନ୍ଧକକୁ କାଏମ ରଖିବା ସହ ୧୮୬୮ ମସିହାର ଇଂରାଜୀ ଆଇନ 'ହିକଲିନ୍ ଟେଷ୍ଟ'କୁ ଆପଣାଇଥିଲେ । ଏହି ପରୀକ୍ଷା ଅନୁଯାୟୀ, ଯଦି କୌଣସି ଲେଖା ବା ବକ୍ତବ୍ୟର କିଛି ଅଂଶ ସମାଜର ସବୁଠାରୁ ଦୁର୍ବଳ ବା ସମ୍ବେଦନଶୀଳ ବ୍ୟକ୍ତିଙ୍କ ମନରେ କୁପ୍ରଭାବ ପକାଇପାରେ ବା ସେମାନଙ୍କୁ ବିପଥଗାମୀ କରିପାରେ, ତେବେ ତାହାକୁ ଅଶ୍ଳୀଳ ବୋଲି ଧରାଯାଉଥିଲା । କିନ୍ତୁ ବିଂଶ ଶତାବ୍ଦୀର ଶେଷ ଭାଗ ଏବଂ ଏକବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ସମାଜର ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ସହ ଏହି ପୁରୁଣା ଆଇନଗତ ମାନଦଣ୍ଡର ପ୍ରାସଙ୍ଗିକତା ହ୍ରାସ ପାଇବାକୁ ଲାଗିଲା ।

୨୦୦୬ ମସିହାରେ ଆନନ୍ଦ ପଟବର୍ଦ୍ଧନଙ୍କ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସାରଣ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ଅଶ୍ଳୀଳତାକୁ କେବଳ ଗୋଟିଏ ବା ଦୁଇଟି ଦୃଶ୍ୟ ବା ଶବ୍ଦ ଆଧାରରେ ବିଚାର କରାଯାଇପାରିବ ନାହିଁ, ବରଂ ଏହାକୁ ସମ୍ପୂର୍ଣ୍ଣ ବିଷୟବସ୍ତୁ ଏବଂ ଜଣେ ସାଧାରଣ, ସୁସ୍ଥ ମାନସିକତା ସମ୍ପନ୍ନ ବ୍ୟକ୍ତିଙ୍କ ଦୃଷ୍ଟିକୋଣରୁ ବିଚାର କରାଯିବା ଉଚିତ୍ । ଏହା ପରେ ୨୦୧୪ ମସିହାରେ 'ଅଭୀକ ସରକାର ବନାମ ପଶ୍ଚିମବଙ୍ଗ ସରକାର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଟେନିସ ଖେଳାଳି ବୋରିସ ବେକରଙ୍କ ଏକ ଉଲଗ୍ନ ଫଟୋକୁ ଅଶ୍ଳୀଳ ନୁହେଁ ବୋଲି ରାୟ ଦେବା ସହ ପୁରୁଣା 'ହିକଲିନ୍ ଟେଷ୍ଟ'କୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ବଦଳରେ କୋର୍ଟ 'ସାମାଜିକ ମାନଦଣ୍ଡ ପରୀକ୍ଷା' ବା 'କମ୍ୟୁନିଟି ଷ୍ଟାଣ୍ଡାର୍ଡସ ଟେଷ୍ଟ'ର ପ୍ରବର୍ତ୍ତନ କରିଥିଲେ । ଏହି ନୂତନ ମାନଦଣ୍ଡ ଅନୁଯାୟୀ, କେବଳ ସେହି ବିଷୟବସ୍ତୁକୁ ଅଶ୍ଳୀଳ କୁହାଯିବ ଯାହା ଜଣେ ସାଧାରଣ ବ୍ୟକ୍ତିଙ୍କ ମନରେ କାମୁକତା ବା ଯୌନ ଉଦ୍ଦୀପନା ସୃଷ୍ଟି କରିବାର କ୍ଷମତା ରଖିଥାଏ । ତେବେ ଆଇନ ବିଶେଷଜ୍ଞ ଗୌତମ ଭାଟିଆଙ୍କ ମତରେ ଏହି ଆମେରିକୀୟ ମାନଦଣ୍ଡକୁ ଆପଣାଇବା ସମୟରେ ଭାରତୀୟ ଅଦାଲତ କେବଳ ଏହାର ପ୍ରଥମ ଅଂଶକୁ ଗ୍ରହଣ କରିଛନ୍ତି, ଯାହା ଫଳରେ ଏକ ବହୁଳବାଦୀ ଦେଶରେ ସଂଖ୍ୟାଗରିଷ୍ଠ ଲୋକଙ୍କ ସମ୍ବେଦନଶୀଳତା ହିଁ ଶାଳୀନତାର ସଂଜ୍ଞା ନିର୍ଦ୍ଧାରଣ କରିବାର ଆଶଙ୍କା ସୃଷ୍ଟି ହୋଇଛି । ତଥାପି, ଏହି ରାୟ ସ୍ପଷ୍ଟ କରିଦେଇଥିଲା ଯେ କେବଳ ଖରାପ ଶବ୍ଦର ପ୍ରୟୋଗ ମାତ୍ରେ ତାହା ଅଶ୍ଳୀଳତାର ପରିସରଭୁକ୍ତ ହେବ ନାହିଁ, ବରଂ ଏହା ପଛରେ ଥିବା ଉଦ୍ଦେଶ୍ୟ ଏବଂ ଏହାର ପ୍ରଭାବକୁ ମଧ୍ୟ ବିଚାରକୁ ନିଆଯିବ ।

ଅସଭ୍ୟତା, କଟୁ ବାକ୍ୟ ଏବଂ ଅଶ୍ଳୀଳତା ମଧ୍ୟରେ ଥିବା ପାର୍ଥକ୍ୟକୁ ନ୍ୟାୟାଳୟଗୁଡ଼ିକ ବାରମ୍ବାର ସ୍ପଷ୍ଟ କରିଆସିଛନ୍ତି । ୨୦୨୪ ମସିହାରେ 'ଟିଭିଏଫ୍'ର ୱେବ୍ ସିରିଜ୍ 'କଲେଜ୍ ରୋମାନ୍ସ' ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ । ଏହି ସିରିଜରେ ବ୍ୟବହୃତ ଅଶାଳୀନ ଶବ୍ଦଗୁଡ଼ିକୁ ନେଇ ରୁଜୁ ହୋଇଥିବା ଏଫଆଇଆରକୁ ଖାରଜ କରି କୋର୍ଟ କହିଥିଲେ ଯେ ଅସଭ୍ୟତା ଏବଂ ଅଶ୍ଳୀଳତା ଗୋଟିଏ କଥା ନୁହେଁ । ଯଦିଓ ବ୍ୟବହୃତ ଶବ୍ଦଗୁଡ଼ିକର ଆକ୍ଷରିକ ଅର୍ଥ ଯୌନ ସମ୍ବନ୍ଧୀୟ ହୋଇପାରେ, କିନ୍ତୁ ଏହାର ବ୍ୟବହାର ଦର୍ଶକଙ୍କ ମନରେ କୌଣସି ଯୌନ ଉଦ୍ଦୀପନା ସୃଷ୍ଟି କରେ ନାହିଁ । ବରଂ ଏହି ଶବ୍ଦଗୁଡ଼ିକ ରାଗ, ନୈରାଶ୍ୟ, ଦୁଃଖ ବା ଉତ୍ତେଜନା ଭଳି ମାନବୀୟ ଭାବନାର ପ୍ରତିଫଳନ ଅଟେ । ସେହିପରି ୨୦୨୬ ମସିହାରେ ବିଚାରପତି ପି.ଏସ. ନରସିଂହଙ୍କ ଖଣ୍ଡପୀଠ 'ଶିବକୁମାର ବନାମ ରାଷ୍ଟ୍ର' ଏବଂ 'ମଣି ବନାମ ରାଷ୍ଟ୍ର' ମାମଲାରେ ସମାନ ଯୁକ୍ତି ଉପସ୍ଥାପନ କରିଥିଲେ । କାହାକୁ ରାଗରେ କୌଣସି ଅଶାଳୀନ ଶବ୍ଦ କହିଦେବା ଅଶ୍ଳୀଳତାର ପରିସରଭୁକ୍ତ ନୁହେଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ । ଆଇନଗତ ଭାବରେ ଦେଖିବାକୁ ଗଲେ, ଅପଶବ୍ଦ ବା ଗାଳିଗୁଲଜର ବ୍ୟବହାର ଯେତେ ଅରୁଚିକର ବା ଅସଭ୍ୟ ହେଲେ ମଧ୍ୟ ତାହାକୁ କୌଣସି ପରିସ୍ଥିତିରେ ଅଶ୍ଳୀଳତା ସହ ତୁଳନା କରାଯାଇପାରିବ ନାହିଁ । ତେଣୁ ଯନ୍ତରମନ୍ତର ଠାରେ ଯୁବତୀ ଜଣକ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯେଉଁ କଟୁ ମନ୍ତବ୍ୟ ଦେଇଛନ୍ତି, ତାହା ନୈତିକ ଦୃଷ୍ଟିକୋଣରୁ ଅଶୋଭନୀୟ ହୋଇପାରେ, କିନ୍ତୁ ତାହାକୁ ଆପରାଧିକ ଅଶ୍ଳୀଳତା ଶ୍ରେଣୀରେ ଭୁକ୍ତ କରିବା ଆଇନଗତ ଭାବରେ ସମୀଚୀନ ନୁହେଁ । ଜଣେ ନାଗରିକ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସମୟରେ ବ୍ୟବହାର କରୁଥିବା କଠୋର ଶବ୍ଦକୁ ଅପରାଧ ଦୃଷ୍ଟିରେ ଦେଖିବା ଏକ ଅଗଣତାନ୍ତ୍ରିକ ପଦକ୍ଷେପ ଅଟେ ।

ବର୍ତ୍ତମାନ ନୋଏଡା ପୋଲିସ ଦ୍ୱାରା ରୁଜୁ ହୋଇଥିବା ଜିରୋ ଏଫଆଇଆରରେ ଉଲ୍ଲେଖ ଥିବା ବିଏନଏସର ଅନ୍ୟ ଧାରାଗୁଡ଼ିକର ବିଶ୍ଳେଷଣ କଲେ ପୋଲିସ କାର୍ଯ୍ୟାନୁଷ୍ଠାନର ବୈଧତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୁଏ । ଧାରା ୩୫୨ ଅଧୀନରେ ଅପମାନ ଜନିତ ମାମଲା ରୁଜୁ କରିବା ପାଇଁ କେବଳ କାହାକୁ ଅପମାନିତ କରିବା ଯଥେଷ୍ଟ ନୁହେଁ । ଏଥିପାଇଁ ପ୍ରମାଣ କରିବାକୁ ପଡିବ ଯେ ଅଭିଯୁକ୍ତ ଜାଣିଶୁଣି ଏପରି ମନ୍ତବ୍ୟ ଦେଇଥିଲେ ଯାହା ଦ୍ୱାରା ସାର୍ବଜନୀନ ଶାନ୍ତି ଭଙ୍ଗ ହେବାର ଆଶଙ୍କା ଥିଲା । ସେହିପରି ଧାରା ୩୫୩ ଅଧୀନରେ ସାର୍ବଜନୀନ ବିଶୃଙ୍ଖଳା ମାମଲା କେବଳ ସେତେବେଳେ ପ୍ରଯୁଜ୍ୟ ହୁଏ, ଯେତେବେଳେ କୌଣସି ବକ୍ତବ୍ୟ ସଶସ୍ତ୍ର ବାହିନୀରେ ବିଦ୍ରୋହ ସୃଷ୍ଟି କରିବା, ରାଷ୍ଟ୍ର ବିରୋଧରେ ଅପରାଧ କରିବା ପାଇଁ ଲୋକଙ୍କୁ ଉସକାଇବା କିମ୍ବା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଦିଆଯାଇଥାଏ । ଜଣେ ରାଜନୈତିକ ନେତାଙ୍କୁ ତୀବ୍ର ସମାଲୋଚନା କରିବା ଏହି ଧାରାର ପରିସରଭୁକ୍ତ ହେବା ଅତ୍ୟନ୍ତ କଷ୍ଟକର, କାରଣ ଏହା ଦ୍ୱାରା ଦେଶର ସୁରକ୍ଷା ବା ସମ୍ପ୍ରଦାୟିକ ସଦ୍ଭାବନା ପ୍ରତି କୌଣସି ବିପଦ ସୃଷ୍ଟି ହୁଏ ନାହିଁ । ମାନହାନି ଆଇନରେ ମଧ୍ୟ ସର୍ବସାଧାରଣ ଜୀବନରେ ଥିବା ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକଳାପ ଉପରେ ସମାଲୋଚନା ପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ରହିଛି । ୨୦୨୫ ମସିହା ସେପ୍ଟେମ୍ବର ମାସରେ ତେଲେଙ୍ଗାନା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଥିଲେ ଯେ ସୋସିଆଲ ମିଡିଆରେ କୌଣସି ରାଜନୈତିକ ଦଳକୁ କଠୋର ବା କଟୁ ଭାଷାରେ ସମାଲୋଚନା କଲେ ତାହା ଧାରା ୩୫୨ ବା ୩୫୩ ଆକର୍ଷିତ କରିବ ନାହିଁ, ଯେପର୍ଯ୍ୟନ୍ତ ଏହା ଦ୍ୱାରା ସାର୍ବଜନୀନ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି କୌଣସି ବିପଦ ସୃଷ୍ଟି ହୋଇନାହିଁ । କୋର୍ଟଙ୍କ ମତରେ ରାଜନୈତିକ ବକ୍ତବ୍ୟକୁ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରାଯାଇଛି ଏବଂ ଏହାକୁ ସାଧାରଣ ମାନହାନି ମାମଲା ଭାବରେ ବିଚାର କରାଯିବା ଅନୁଚିତ ।

ଏହି ସମସ୍ତ ଆଇନଗତ ଦିଗକୁ ତର୍ଜମା କଲେ ଏହା ସ୍ପଷ୍ଟ ହୁଏ ଯେ, ସାମ୍ପ୍ରତିକ ସମୟରେ ରାଜନୈତିକ ସମାଲୋଚନାକୁ ଦବାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଠୋର ଆଇନର ଅପବ୍ୟବହାର କରାଯାଉଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ଏବଂ ବିଭିନ୍ନ ସ୍ୱାଧୀନ ଗବେଷଣା ସଂସ୍ଥାର ତଥ୍ୟ ଅନୁଯାୟୀ, ଗତ ଏକ ଦଶନ୍ଧି ମଧ୍ୟରେ ରାଜନୈତିକ ନେତା, ବିଶେଷ କରି କ୍ଷମତାସୀନ ଦଳର ଶୀର୍ଷ ନେତାଙ୍କ ବିରୋଧରେ ସୋସିଆଲ ମିଡିଆରେ ମନ୍ତବ୍ୟ ଦେବା କିମ୍ବା ବିକ୍ଷୋଭ ପ୍ରଦର୍ଶନ କରିବା କାରଣରୁ ସାଧାରଣ ନାଗରିକଙ୍କ ଉପରେ ଏଫଆଇଆର ରୁଜୁ ହେବା ହାର ବହୁଗୁଣ ବୃଦ୍ଧି ପାଇଛି । ଏହା ଦର୍ଶାଉଛି ଯେ ଆଇନର ପ୍ରୟୋଗ ଅପରାଧ ନିୟନ୍ତ୍ରଣ ପାଇଁ ନୁହେଁ ବରଂ ରାଜନୈତିକ ବିରୋଧୀଙ୍କୁ ଭୟଭୀତ କରିବା ପାଇଁ କରାଯାଉଛି । ଗଣତନ୍ତ୍ରର ମୂଳଦୁଆ ହେଉଛି ଅସହମତିର ସ୍ୱରକୁ ସମ୍ମାନ ଜଣାଇବା । ନିର୍ବାଚିତ ପ୍ରତିନିଧିମାନେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ଅଟନ୍ତି ଏବଂ ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ । ଯେତେବେଳେ ଏହି ଅସନ୍ତୋଷ ବିକ୍ଷୋଭ ମାଧ୍ୟମରେ ପ୍ରକାଶ ପାଏ, ସେତେବେଳେ ବେଳେବେଳେ ଭାଷାଗତ ଶାଳୀନତା ଲଙ୍ଘନ ହେବାର ସମ୍ଭାବନା ଥାଏ । କିନ୍ତୁ ପ୍ରତ୍ୟେକ କଟୁ ବାକ୍ୟ ବା ଅଶୋଭନୀୟ ଶବ୍ଦକୁ ଅପରାଧିକ ମାମଲାର ରୂପ ଦେବା ଏକ ସୁସ୍ଥ ଗଣତନ୍ତ୍ରର ଲକ୍ଷଣ ନୁହେଁ । ଏହା ଦ୍ୱାରା ନାଗରିକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୁଏ ଏବଂ ସେମାନେ ନିଜର ମତ ପ୍ରକାଶ କରିବାକୁ କୁଣ୍ଠାବୋଧ କରନ୍ତି, ଯାହା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ସିଧାସଳଖ ଉଲ୍ଲଂଘନ ଅଟେ । ଏଭଳି ପରିସ୍ଥିତିରେ ନ୍ୟାୟପାଳିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡେ, ଯେପରିକି ସେମାନେ ନାଗରିକମାନଙ୍କ ଅଧିକାରର ସୁରକ୍ଷା କରିପାରିବେ ।

ଶେଷରେ ଏହା କୁହାଯାଇପାରେ ଯେ, ରାଜନୈତିକ ବ୍ୟକ୍ତିବିଶେଷଙ୍କ ପ୍ରତି ସମାଲୋଚନାମୂଳକ ମନ୍ତବ୍ୟକୁ ନେଇ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆଇନର ରକ୍ଷା ଅପେକ୍ଷା ରାଜନୈତିକ ଆନୁଗତ୍ୟର ପ୍ରଦର୍ଶନ ଭଳି ଅଧିକ ମନେହୁଏ । ରୁଚିକା ସିଂହଙ୍କ ମାମଲା ଏକ ଜ୍ୱଳନ୍ତ ଉଦାହରଣ ମାତ୍ର, ଯେଉଁଠାରେ ଆଇନର ବ୍ୟାଖ୍ୟାକୁ ନିଜ ସୁବିଧା ଅନୁସାରେ ପରିବର୍ତ୍ତନ କରି ବିରୋଧୀ ସ୍ୱରକୁ ଚାପି ଦେବାର ପ୍ରୟାସ କରାଯାଇଛି । ସୁପ୍ରିମକୋର୍ଟ ଏବଂ ବିଭିନ୍ନ ଉଚ୍ଚ ନ୍ୟାୟାଳୟ ବାରମ୍ବାର ସ୍ପଷ୍ଟ କରିଛନ୍ତି ଯେ ଅସଭ୍ୟତା ଏବଂ ଅଶ୍ଳୀଳତା ମଧ୍ୟରେ ପାର୍ଥକ୍ୟ ରହିଛି ଏବଂ ସାଧାରଣ ରାଜନୈତିକ ସମାଲୋଚନା ସାର୍ବଜନୀନ ବିଶୃଙ୍ଖଳା ସୃଷ୍ଟି କରେ ନାହିଁ । ତେଣୁ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ଏଭଳି ମାମଲା ରୁଜୁ କରିବା ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକୁ ସଠିକ୍ ଭାବରେ ତର୍ଜମା କରିବା ଆବଶ୍ୟକ । ଜନପ୍ରତିନିଧିମାନେ ମଧ୍ୟ ନିଜ ପ୍ରତି ହେଉଥିବା ସମାଲୋଚନାକୁ ଗ୍ରହଣ କରିବାର ସହନଶୀଳତା ବିକାଶ କରିବା ଜରୁରୀ, କାରଣ ସର୍ବସାଧାରଣ ଜୀବନରେ ଥିବା ବ୍ୟକ୍ତିମାନଙ୍କୁ କଠୋର ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥାଏ । ଯଦି ରାଷ୍ଟ୍ର ବ୍ୟବସ୍ଥା ପ୍ରତ୍ୟେକ କଟୁ ମନ୍ତବ୍ୟ ପାଇଁ ନାଗରିକଙ୍କୁ ଜେଲ ପଠାଇବା ଆରମ୍ଭ କରେ, ତେବେ ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ ହିଁ ପଣ୍ଡ ହୋଇଯିବ । ଆଇନର ପ୍ରୟୋଗ ନ୍ୟାୟ ପ୍ରଦାନ ଏବଂ ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ହେବା ଉଚିତ୍, କୌଣସି କ୍ଷମତାଶାଳୀ ବ୍ୟକ୍ତିର ଅହଂକାରକୁ ସନ୍ତୁଷ୍ଟ କରିବା ପାଇଁ ବା ପ୍ରତିଶୋଧ ପରାୟଣ ହୋଇ ନୁହେଁ । ଏକ ପରିପକ୍ୱ ଗଣତନ୍ତ୍ରରେ ବାକ୍ ସ୍ୱାଧୀନତାକୁ ସଙ୍କୁଚିତ କରିବା ପରିବର୍ତ୍ତେ ଏହାକୁ ପ୍ରୋତ୍ସାହିତ କରିବା ଉଚିତ୍, ଯାହାଦ୍ୱାରା ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଏକ ସୁସ୍ଥ ଆଲୋଚନାର ପରିବେଶ ସୃଷ୍ଟି ହୋଇପାରିବ ।

## ଧ୍ୱନି ପ୍ରତିଧ୍ୱନି

# ମାନବ ସଭ୍ୟତା ଓ ପ୍ରଯୁକ୍ତିବିଦ୍ୟା



### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମେ ଜାଣିଛନ୍ତି ଯେ ଆଜିର ଯୁଗକୁ ପ୍ରଯୁକ୍ତିବିଦ୍ୟାର ଯୁଗ କୁହାଯାଏ । ମାନବ ସଭ୍ୟତାର ଆରମ୍ଭରୁ, ମଣିଷ ନିଜ ଜୀବନକୁ ସହଜ, ସୁବିଧାଜନକ ଏବଂ ସୁରକ୍ଷିତ କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛି । ଏହି ପ୍ରୟାସର ଫଳାଫଳ ହେଉଛି ପ୍ରଯୁକ୍ତିର ଉନ୍ନତି । ପ୍ରଯୁକ୍ତିବିଦ୍ୟା ମାନବ ସମାଜର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଛି ଏବଂ ସାମାଜିକ ପରିବର୍ତ୍ତନରେ ଏକ ପ୍ରମୁଖ ଶକ୍ତି ଭାବରେ ଉଭା ହୋଇଛି । ପ୍ରଯୁକ୍ତିବିଦ୍ୟା ହେଉଛି ଜ୍ଞାନ, ବିଜ୍ଞାନ ଏବଂ ପ୍ରଯୁକ୍ତିର ମିଳିତ ବ୍ୟବହାର ଯାହା ମାନବ ଜୀବନକୁ ସହଜ କରିଥାଏ । ପ୍ରାଚୀନ କାଳରେ ମଣିଷ ପଥର ଏବଂ କାଠ ଉପକରଣ ବ୍ୟବହାର କରୁଥିଲା କିନ୍ତୁ ଆଜି ସେମାନେ ଆଧୁନିକ କମ୍ପ୍ୟୁଟର, ମୋବାଇଲ୍ ଫୋନ୍, ଇଣ୍ଟରନେଟ୍, ରୋବଟ ଏବଂ କୃତ୍ରିମ ବୁଦ୍ଧିମତ୍ତା (AI) ଆଡ଼କୁ ଅଗ୍ରସର ହୋଇଛନ୍ତି । ଏହା ଦର୍ଶାଏ ଯେ ପ୍ରଯୁକ୍ତିବିଦ୍ୟା କେବଳ ଏକ ଉପକରଣ ନୁହେଁ ଏହା ଜୀବନର ପ୍ରକୃତିର ଏକ ଅଂଶ। ସାମାଜିକ ପରିବର୍ତ୍ତନ ହେଉଛି ସମାଜର ଗଠନ, ମୂଲ୍ୟବୋଧ, ଆଚରଣ, ସଂସ୍କୃତି ଏବଂ ଜୀବନଶୈଳୀରେ ଏକ ପରିବର୍ତ୍ତନ। ଏହି ପରିବର୍ତ୍ତନ ଧୀରେ ଧୀରେ ଘଟେ ଏବଂ ସମୟ ସହିତ, ସମାଜକୁ ଏକ ନୂତନ ଦିଗରେ ନେଇଥାଏ। ପ୍ରଯୁକ୍ତିବିଦ୍ୟା ଏହି ପରିବର୍ତ୍ତନକୁ ତ୍ୱରାନ୍ୱିତ ଏବଂ ଗଭୀର କରିଛି।

ପୂର୍ବରୁ ଲୋକମାନେ ଚିଠି, ଦୂତ କିମ୍ବା ପକ୍ଷୀ ମାଧ୍ୟମରେ ବାର୍ତ୍ତା ପଠାଉଥିଲେ। ବର୍ତ୍ତମାନ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସାମାଜିକ ଗଣମାଧ୍ୟମ ମୁହୂର୍ତ୍ତକରେ ସମଗ୍ର ବିଶ୍ୱ ସହିତ ସଂଯୋଗ ସ୍ଥାପନ କରିବା ସମ୍ଭବ କରିଥାଏ। ଏହା ଲୋକଙ୍କୁ ନିକଟତର କରିଛି ଏବଂ ବିଶ୍ୱକୁ ଏକ ବିଶ୍ୱ ଗ୍ରାମରେ ପରିଣତ କରିଛି। ପ୍ରଯୁକ୍ତିବିଦ୍ୟା ଶିକ୍ଷାକୁ ସହଜ ଏବଂ ଅଧିକ ସୁଲଭ କରିଛି। ଅନଲାଇନ୍ ଶିକ୍ଷା, ଡିଜିଟାଲ୍ କ୍ଲାସ, ଇ-ପୁସ୍ତକ ଏବଂ ଭିଡିଓ କନଫରେନ୍ସ ଛାତ୍ରଛାତ୍ରୀ ମାନଙ୍କୁ ଘରୁ ରହି ପାଠପଢ଼ା କରି ପାରୁଛନ୍ତି । ଏହା ଶିକ୍ଷାଗତ ସମାନତା ବୃଦ୍ଧି କରିଛି। ପ୍ରଯୁକ୍ତିବିଦ୍ୟା ନୂତନ ଚାକିରି ସୃଷ୍ଟି କରିଛି ଏବଂ ବ୍ୟବସାୟକୁ ବୃଦ୍ଧି କରିଛି। ଇ-କମର୍ସ, ଡିଜିଟାଲ୍ ପେମେଣ୍ଟ ଏବଂ ଅନଲାଇନ୍ ବ୍ୟାଙ୍କିଂ ବର୍ତ୍ତମାନ ସାଧାରଣ କଥା ହୋଇଛି । ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ଦ୍ରୁତ ଏବଂ ସହଜ ମଧ୍ୟ କରିଛି। ପ୍ରଯୁକ୍ତିବିଦ୍ୟା ଚିକିତ୍ସା ବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି। ଲୋକମାନେ ନୂତନ ଔଷଧ, ଆଧୁନିକ ଉପକରଣ ମାଧ୍ୟମରେ ସହଜରେ ଚିକିତ୍ସା ପାଇ ପାରୁଛନ୍ତି ଓ ସବୁ କିଛି ନିଜେ ପଢି ଜାଣି ମଧ୍ୟ ପାରୁଛନ୍ତି । ଏହା ମୃତ୍ୟୁହାର ମଧ୍ୟ ହ୍ରାସ କରିଛି ଏବଂ ଜୀବନ ଆଶା ବୃଦ୍ଧି କରିଛି। ଆଧୁନିକ ଉପକରଣ, ଉନ୍ନତ ବିଦ୍ୟୁତ୍, ଜଳସେଚନ ବ୍ୟବସ୍ଥା ଏବଂ ତଥ୍ୟ-ଚାଳିତ କୃଷି ବ୍ୟବସ୍ଥା କୃଷିକୁ ଅଧିକ ଉତ୍ପାଦନକ୍ଷମ କରିଛି। ଚାଷୀମାନେ ଏବେ ପାଣିପାଗ ଏବଂ ବଜାର ସୂଚନା ସହଜରେ ପାଇପାରୁଛନ୍ତି । ପ୍ରଯୁକ୍ତିବିଦ୍ୟା ଆମର ଦୈନନ୍ଦିନ ଜୀବନକୁ ପରିବର୍ତ୍ତନ କରିଛି। ସ୍ମାର୍ଟଫୋନ୍, ଅନଲାଇନ୍ ସପିଂ ଏବଂ ମନୋରଞ୍ଜନର ବିଭିନ୍ନ ମାଧ୍ୟମ ଆମର ଜୀବନକୁ ସହଜ ଓ ସରଳ କରିଛି।

ତଥାପି ଏହା ଏତେ ସହଜ ହୋଇଥିଲେ ମଧ୍ୟ ପ୍ରଯୁକ୍ତି ବିଦ୍ୟା ସମାଜ ଉପରେ ନକାରାତ୍ମକ ପ୍ରଭାବ ମଧ୍ୟ ପକାଉଛି । ପ୍ରଯୁକ୍ତିବିଦ୍ୟା ଯୋଗାଯୋଗକୁ ସହଜ କରିଥିବା ବେଳେ, ଏହା ମନୁଷ୍ୟର ସମ୍ପର୍କ ସମ୍ପର୍କ ଭିତରେ ଭାବକୁ ହ୍ରାସ କରିଛି । ଲୋକମାନେ ମୋବାଇଲ୍ ଫୋନ୍ ଏବଂ ସୋସିଆଲ ମିଡିଆରେ ଅଧିକ ସମୟ ବିତାଉଛନ୍ତି । ମେସିନ୍ ଏବଂ ରୋବୋଟ୍‌ର ବର୍ଦ୍ଧିତ ବ୍ୟବହାର ଅନେକ ଚାକିରିର ଆବଶ୍ୟକତାକୁ ହ୍ରାସ କରିଛି। ଏହା ଅନେକ ଲୋକଙ୍କୁ ବେକାର କରି ବସାଇ ଦେଇଛି । ଅତ୍ୟଧିକ କାରଖାନା, ମେସିନ୍ ଏବଂ ଇଲେକ୍ଟ୍ରୋନିକ୍ ଉପକରଣର ବ୍ୟବହାର ପରିବେଶକୁ ନଷ୍ଟ କରୁଛି। ଡିଜିଟାଲ୍ ଯୁଗରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଏକ ପ୍ରମୁଖ ସମସ୍ୟା ହୋଇଛି । ହ୍ୟାକିଂ ଏବଂ ସାଇବର ଅପରାଧ ଏହାଦ୍ୱାରା ବୃଦ୍ଧି ପାଉଛି। ପ୍ରଯୁକ୍ତିବିଦ୍ୟା ଲୋକଙ୍କ ଚିନ୍ତାଧାରା ଏବଂ ମୂଲ୍ୟବୋଧକୁ ପରିବର୍ତ୍ତନ କରିଛି। ଆଜିର ଯୁବପିଢ଼ି ଅଧିକ ସ୍ୱାଧୀନ ଏବଂ ତଥ୍ୟ-ସଚେତନ। ସେମାନେ ନୂତନ ଚିନ୍ତାଧାରା ଗ୍ରହଣ କରୁଛନ୍ତି। ତଥାପି ଏହି ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପରମ୍ପରା ଏବଂ ସଂସ୍କୃତିର କିଛି ଅବକ୍ଷୟ ମଧ୍ୟ ହୋଇ ହୋଇ ଚାଲିଛି । ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ ସହର ତୁଳନାରେ ଗ୍ରାମାଞ୍ଚଳରେ ଅଧିକ ଭାବରେ ପହଞ୍ଚିଛି। ଗାଁରେ ମଧ୍ୟ ଲୋକମାନେ ଇଣ୍ଟରନେଟ୍ ଏବଂ ମୋବାଇଲ୍ ଫୋନ୍ ମାଧ୍ୟମରେ ସୂଚନା ପାଇପାରୁଛନ୍ତି। ଏହା ଗ୍ରାମ ଏବଂ ସହର ମଧ୍ୟରେ ବ୍ୟବଧାନକୁ ହ୍ରାସ କରିଛି। ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ମହାକାଶ ଗବେଷଣା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆହୁରି ନୂତନ ଆବିଷ୍କାର କରାଯିବ। ଏହା ସମାଜକୁ ଆହୁରି ପରିବର୍ତ୍ତନ କରିବ। ତଥାପି, ଆମକୁ ନୀତି, ମୂଲ୍ୟବୋଧ ଏବଂ ପରିବେଶ ସୁରକ୍ଷାକୁ ମଧ୍ୟ ପ୍ରାଥମିକତା ଦେବାକୁ ପଡିବ। ପ୍ରଯୁକ୍ତିବିଦ୍ୟା ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉପକରଣ। ଏହା ମାନବ ଜୀବନକୁ ସହଜ, ସୁବିଧାଜନକ ଏବଂ ଆଧୁନିକ କରିଛି। ତଥାପି, ଏହାର କିଛି ନକାରାତ୍ମକ ପ୍ରଭାବ ମଧ୍ୟ ଅଛି। ତେଣୁ, ଆମକୁ ସଠିକ ଭାବରେ ସ୍ଥିର ବିଚାର ଓ ଭଲ ମନ୍ଦକୁ ଅନୁଶୀଳନ କରି ଏହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାକୁ ପଡିବ ଏବଂ ସମାଜକୁ ପ୍ରଗତି ପଥରେ ଆଗେଇ ନେବାକୁ ପଡିବ। ଯଦିଓ ପ୍ରଯୁକ୍ତିବିଦ୍ୟା ମାନବ ସମାଜର ପ୍ରଗତି ପାଇଁ ମୂଳଦୁଆ କିନ୍ତୁ ପ୍ରକୃତ ସାମାଜିକ ସମୃଦ୍ଧି କେବଳ ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଏହାକୁ ସଠିକ୍ ଏବଂ ଚିନ୍ତାଶୀଳ ଭାବରେ ବ୍ୟବହାର କରାଯାଇପାରିବ ।


+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬


# ସାଇକେଲ ହିଁ ସରଳ ଜୀବନର ସର୍ବଶ୍ରେଷ୍ଠ ସାଥୀ



### ସୁବ୍ରତ କୁମାର ଦାସ

ଦିନ ଥିଲା, ସେତେବେଳେ ସାଇକେଲ ପ୍ରତ୍ୟେକ ପରିବାରର ଗର୍ବ ଥିଲା। ଗାଁର ସରୁ ରାସ୍ତାରୁ ସହରର ବ୍ୟସ୍ତ ସଡ଼କ ପର୍ଯ୍ୟନ୍ତ ସବୁଠି ସାଇକେଲର ଚକା ଘୂରୁଥିଲା। ସ୍କୁଲକୁ ଯିବା, ଟ୍ୟୁସନ, ବଜାର, କାର୍ଯ୍ୟାଳୟ କିମ୍ବା ସମ୍ପର୍କୀୟଙ୍କ ଘର ସବୁ ଯାତ୍ରାର ବିଶ୍ୱସ୍ତ ସାଥୀ ଥିଲା ସାଇକେଲ। ପିଲାମାନଙ୍କ ପାଇଁ ସାଇକେଲ କେବଳ ଏକ ଯାନ ନୁହେଁ, ଥିଲା ସ୍ୱପ୍ନ, ଆନନ୍ଦ ଓ ସ୍ୱାଧୀନତାର ପ୍ରଥମ ଅନୁଭୂତି। ନୂଆ ସାଇକେଲ ପାଇବାର ଖୁସି ଏବଂ ସାଇକେଲ ଶିଖିବାର ଉତ୍ସାହ ଆଜି ମଧ୍ୟ ଅନେକଙ୍କ ସ୍ମୃତିରେ ଜୀବନ୍ତ।

କିନ୍ତୁ ସମୟ ସହିତ ଆଧୁନିକତାର ଦୌଡ଼ରେ ସାଇକେଲ ପଛକୁ ପଡ଼ିଗଲା। ମୋଟରସାଇକେଲ, ସ୍କୁଟି ଓ କାର ଘରେ ଘରେ ପହଞ୍ଚିବା ପରେ ସାଇକେଲକୁ ଆମେ ଧୀରେ ଧୀରେ ଭୁଲିଗଲୁ। ଅଳ୍ପ ଦୂରତା ପାଇଁ ମଧ୍ୟ ଇନ୍ଧନଚାଳିତ ଯାନର ବ୍ୟବହାର ବଢ଼ିଗଲା। ଫଳରେ ଶାରୀରିକ ପରିଶ୍ରମ କମିଲା, ଶରୀର ଅଳସୁଆ ହେଲା ଏବଂ ଜୀବନଶୈଳୀଜନିତ ରୋଗ ବଢ଼ିବା ଆରମ୍ଭ କଲା। ମୋଟାପଣ, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଓ ହଜମ ସମସ୍ୟା ଏବେ ସାଧାରଣ ଘଟଣା ହୋଇପଡ଼ିଛି।

ଆଜି ପରିସ୍ଥିତି ବଦଳିଛି। ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେଉଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନିୟମିତ ବ୍ୟାୟାମର ପରାମର୍ଶ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ସାଇକେଲ ପୁଣିଥରେ ନିଜର ଗୁରୁତ୍ୱ ଫେରି ପାଇଛି। ପ୍ରତିଦିନ କିଛି ସମୟ ସାଇକେଲ ଚଳାଇବା ଶରୀରକୁ ସୁସ୍ଥ, ସକ୍ରିୟ ଓ ସତେଜ ରଖିଥାଏ। ଏହା ହୃଦୟକୁ ସୁଦୃଢ଼ କରିବା ସହିତ ଶରୀରର ଅତିରିକ୍ତ ଚର୍ବି କମାଏ ଏବଂ ମାନସିକ ଚାପ ହ୍ରାସ କରେ।

ସାଇକେଲର ଆଉ ଏକ ବଡ଼ ମହତ୍ତ୍ୱ ହେଉଛି ଏହା ପରିବେଶର ସୁରକ୍ଷା କରେ। ପେଟ୍ରୋଲ କିମ୍ବା ଡିଜେଲ ବିନା ଚାଲୁଥିବାରୁ ଏହା ବାୟୁ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ସୃଷ୍ଟି କରେନାହିଁ। ବିଶ୍ୱ ଯେତେବେଳେ ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣର ଗମ୍ଭୀର ସମସ୍ୟା ସହ ସଂଘର୍ଷ କରୁଛି, ସେତେବେଳେ ସାଇକେଲ ଏକ ପରିବେଶ ପ୍ରିୟ ଓ ଦାୟିତ୍ୱପୂର୍ଣ୍ଣ ବିକଳ୍ପ ଭାବେ ଉଭା ହୋଇଛି।

ବର୍ତ୍ତମାନ ସମୟରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ମଧ୍ୟ ସାଇକେଲର ଆବଶ୍ୟକତାକୁ ଅଧିକ ଅନୁଭବ କରାଉଛି। ଅଳ୍ପ ଦୂରତା ପାଇଁ ସାଇକେଲ ବ୍ୟବହାର କଲେ ଅର୍ଥ ସଞ୍ଚୟ ହୁଏ, ଶରୀର ସୁସ୍ଥ ରହେ ଏବଂ ପରିବେଶ ମଧ୍ୟ ସୁରକ୍ଷିତ ରହେ। ଏହାଠାରୁ ଭଲ ବିକଳ୍ପ ଆଉ କ'ଣ ହୋଇପାରେ ?

ଆଜି ବିଶ୍ୱର ଅନେକ ଦେଶରେ ସାଇକେଲକୁ ପ୍ରୋତ୍ସାହନ ଦିଆଯାଉଛି। ସାଇକେଲ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ହେଉଛି, ଲୋକଙ୍କୁ ସଚେତନ କରାଯାଉଛି ଏବଂ 'ସାଇକେଲ ଟୁ ୱର୍କ' ପରି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭାରତରେ ମଧ୍ୟ ଅନେକ ସହରରେ ସାଇକେଲ ଟ୍ରାକ୍ ଓ ସାଇକେଲ ରାଲି ମାଧ୍ୟମରେ ଏହାର ପ୍ରଚାର କରାଯାଉଛି।

ଆଜିର ପିଲାମାନଙ୍କ ହାତରେ ମୋବାଇଲ ଅଛି, କିନ୍ତୁ ସାଇକେଲର ହ୍ୟାଣ୍ଡେଲ ଧରିବାର ସୁଯୋଗ କମିଯାଇଛି। ଯଦି ଆମେ ଏହି ପିଢ଼ିକୁ ସୁସ୍ଥ ଓ ସକ୍ରିୟ ଦେଖିବାକୁ ଚାହୁଁ, ତେବେ ସେମାନଙ୍କୁ ସାଇକେଲ ସହ ପୁଣି ଯୋଡ଼ିବାକୁ ପଡ଼ିବ। ବିଦ୍ୟାଳୟ, ପରିବାର ଓ ସମାଜ ମିଳିତ ଭାବେ ଏହି ଅଭିଯାନକୁ ଆଗେଇ ନେବା ଉଚିତ।

ସାଇକେଲ କେବଳ ଅତୀତର ସ୍ମୃତି ନୁହେଁ; ଏହା ଭବିଷ୍ୟତର ଆବଶ୍ୟକତା। ଯଦି ଆମେ ସୁସ୍ଥ ଶରୀର, ସବୁଜ ପରିବେଶ ଓ ସଞ୍ଚୟୀ ଜୀବନ ଚାହୁଁ, ତେବେ ସାଇକେଲକୁ ପୁଣି ଆପଣାଇବାକୁ ହେବ। ପ୍ରତିଦିନ ନହେଲେ ମଧ୍ୟ ସପ୍ତାହରେ କିଛି ଦିନ ଛୋଟ ଛୋଟ କାମ ପାଇଁ ସାଇକେଲ ବ୍ୟବହାର କରିବା ଏକ ଭଲ ଅଭ୍ୟାସ ହୋଇପାରେ। 'ସମୟ ବଦଳେ, ମଣିଷ ବଦଳେ, କିନ୍ତୁ କିଛି ଜିନିଷର ମୂଲ୍ୟ କେବେ ବଦଳେନାହିଁ। ସାଇକେଲ ସେହିପରି ଏକ ଅମୂଲ୍ୟ ସାଥୀ, ଯାହାର ପ୍ରକୃତ ମହତ୍ତ୍ୱକୁ ଆମେ ବିଳମ୍ବରେ ହେଲେ ମଧ୍ୟ ଆଜି ବୁଝିପାରୁଛୁ।'

ସମୟର ଚକ ପୁଣି ଘୂରୁଛି। ଯେଉଁ ସାଇକେଲକୁ ଆମେ ଦିନେ ଅବହେଳା କରିଥିଲୁ, ଆଜି ସେହି ସାଇକେଲ ହିଁ ସୁସ୍ଥ ଜୀବନର ବାର୍ତ୍ତା ନେଇ ଆମ ସାମ୍ନାରେ ଛିଡ଼ା ହୋଇଛି। ତେବେ ପ୍ରତ୍ୟେକ ବ୍ୟକ୍ତି ବିଶେଷ ସୁସ୍ଥ ଜୀବନ ଯାପନ ପାଇଁ ଏକ ନୂଆ ସଂକଳ୍ପ ନେବା ଉଚିତ୍, ଯେପରି ଅଳ୍ପ ଦୂରତା ପାଇଁ ଯାନ ନୁହେଁ, ସାଇକେଲକୁ ବାଛିବା।

କାରଣ ସତରେ... ପୁଣି ଫେରିବ ସାଇକେଲର ଦିନ। ସେହି ଦିନ କେବଳ ସାଇକେଲର ନୁହେଁ, ବରଂ ସୁସ୍ଥ ମଣିଷ, ସବୁଜ ପୃଥିବୀ ଓ ସୁନ୍ଦର ଭବିଷ୍ୟତର ଦିନ ହେବ।


+ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୩୧୯୦୩



# ଲୋକମାନ୍ୟ ତିଲକ

### ଡକ୍ଟର ସୁରେଶ କୁମାର ନାୟକ

ଲୋକମାନ୍ୟ ଭାବେ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ଓକିଲ ତଥା ସାମ୍ବାଦିକ ବାଲ ଗଙ୍ଗାଧର ତିଲକଙ୍କର ଆଜି ତିରୋଧାନ ଦିବସ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସେ ଥିଲେ ପ୍ରମୁଖ ନେତା। ବ୍ରିଟିଶ ଉପନିବେଶକାରୀମାନେ ତାଙ୍କୁ ଅବିଶ୍ରାନ୍ତ ପରିଶ୍ରମର ଜାତୀୟ ପିତା ବୋଲି କହୁଥିଲେ। ବ୍ରିଟିଶ ରାଜ କାଳରେ ପୂର୍ଣ୍ଣ ସ୍ୱରାଜର ଦାବି ପ୍ରଥମେ ସେ ଉଠାଇଥିଲେ। ତାଙ୍କର ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର, ମୁଁ ତାକୁ ନିଶ୍ଚୟ ହାସଲ କରିବି, ବାଣୀ ଆଜି ବି ଭାରତୀୟଙ୍କ ସ୍ମୃତିରେ ତାଜା ହୋଇରହିଛି। ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସ୍ଥିତ ବ୍ରାହ୍ମଣ ପରିବାରରେ ତିଳକଙ୍କ ଜନ୍ମ। ତାଙ୍କ ପିତା ଗଙ୍ଗାଧର ତିଲକ ଜଣେ ଶିକ୍ଷକ ତଥା ସଂସ୍କୃତ ବିଦ୍ୱାନ ଥିଲେ। ମାତ୍ର ୧୬ ବର୍ଷ ବୟସରେ ୧୮୭୧ରେ ତପିବାଇଙ୍କୁ ସେ ବିବାହ କରିଥିଲେ। ୧୮୭୨ରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ପୁନେର ଡ଼େକାନ କଲେଜରେ ତିଲକ ସ୍ନାତକ ଏବଂ ୧୮୭୯ରେ ଏଲଏଲବି ଡିଗ୍ରୀ ହାସଲ କରିଥିଲେ।

ମରାଠୀରେ ମରାଠା ଦର୍ପଣ ଓ କେସରୀ ଦୁଇଟି ଦୈନିକ ସମ୍ବାଦ ସେ ଆରମ୍ଭ କରିଥିଲେ, ଯାହା ବେଶ ଲୋକପ୍ରିୟ ହୋଇଥିଲା। କଠୋର ଇଂରେଜ ଶାସନ ଓ ଭାରତୀୟ ସଂସ୍କୃତି ପ୍ରତି ହୀନ ଭାବନା ତାଙ୍କୁ ବିଚଳିତ କରିଥିଲା। ସେଥିପାଇଁ ପୂର୍ଣ୍ଣ ସ୍ୱରାଜ ପାଇବାକୁ ସେ ବିପ୍ଳବର ବହ୍ନି ଜାଳିଥିଲେ ଦେଶବାସୀଙ୍କ ମନରେ। ସେଥିପାଇଁ ବାରମ୍ବାର କାରାବରଣ ମଧ୍ୟ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ ହୋଇଥିଲେ ମଧ୍ୟ କଂଗ୍ରେସର ନରମପନ୍ଥୀ ଚିନ୍ତାଧାରାକୁ ସେ ବିରୋଧ କରିଥିଲେ। ଭାରତୀୟ ସମାଜରେ ଅନେକ ସୁଧାର ପାଇଁ ସେ ପ୍ରଯତ୍ନ ଥିଲେ। ସେ ବାଲ ବିବାହକୁ ବିରୋଧ କରୁଥିଲେ। ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ସେ ଜୋର ଦେଇଥିଲେ। ଭାରତୀୟ ସଂସ୍କୃତି, ପରମ୍ପରା ଓ ଇତିହାସ ଉପରେ ଲିଖିତ ତାଙ୍କ ଲେଖା ଭାରତୀୟଙ୍କ ମନରେ ଆଜି ବି ସ୍ୱାଭିମାନର ଭାବନା ଜାଗ୍ରତ କରେ। ୧୯୨୦ ମସିହା ଆଜିର ଦିନରେ ଏହି ଯୋଗଜନ୍ମା, ଯୁଗପୁରୁଷଙ୍କର ଦେହାନ୍ତ ହୋଇଥିଲା।


+ଅଧ୍ୟକ୍ଷ, ଏସେଲ୍ସ
ପବ୍ଲିକ ସ୍କୁଲ, ସେକ୍ଟର-
୯, ସିଡିଏ, କଟକ,
ମୋ:
୯୪୩୭୨୨୫୫୯୨




## ବୟସ ହେଲାଣି ଅଶୀ

### ଦୀନବନ୍ଧୁ ପୋଇ

ଆୟୁଷ ମୋହର ଆସେ ସରି ସରି
ବୟସ ଯାଉଛି ଖସି
ସେତିକି ସେତିକି ଦୁଃଖ ବଢୁଅଛି
କମି କମି ଯାଏ ଖୁସି ।

ତଥାପି ଏ ମନ ବୁଝୁନାହିଁ କିଛି
ରଖୁଛି ଅନେକ ଆଶା
ପୂର୍ବ ପିଢି କଥା ଜାଣିଛି ଯେ ବ୍ୟଥା
ଭୋଗିଛନ୍ତି କେତେ ଦଶା ।

ଶେଯରେ କେ ଶୋଇ ଜରାଗ୍ରସ୍ତ ହୋଇ
ଯାଇଛନ୍ତି ଛାଡି ଧରା
ଯାହା ରଖିଥିଲା ସବୁ ରହିଗଲା
ଜାଣେ ଏ ଦୁନିଆ ସାରା ।

କିଏ ସେ ଯାଇଛି ଜରାଶ୍ରମେ ରହି
ରକତ ଯାଇଛି ଭୁଲି
ନିନ୍ଦା ଅପବାଦ କୁଟୁମ୍ବ ବିବାଦ
ଶୁଣୁଛି ଏକାନ ଖାଲି ।

ଏଇ କଥା ଜାଣି ନୟନେ ବି ଦେଖି
ତଥାପି ବଢୁଛି ଲୋଭ
ଉପାଧି ନେବାକୁ ଖୋଜୁଛି ଏମନ
ନପାଇଲେ କରେ କ୍ଷୋଭ ।

ମୋ ବୟସ ଆସି ହୋଇଲାଣି ଅଶୀ
ଭାବୁଛି ମନ ମୋ କଷି
ଫେସବୁକ ଓ ଷ୍ଟାଟସ୍‌ରେ ଛାଡ଼େ
ପିଲାଳିଆ ଫଟୋ ହସି ।

ମନଟି ଏମିତି ହେଉଛି କେମିତି
ମାନୁନି ବିବେକ ବାଧା
କି ଧାତୁରେ ଗଢ଼ା ହେଉନି ସେ ବୁଢା
ଗଗନରେ ଉଡ଼େ ସିଧା ।

ନିୟନ୍ତ୍ରଣ କରି ପ୍ରଭୁ ନାମ ଧରି
ମନକୁ କଲେ ଆୟତ
ମଣିଷ ଜନମ ସାର୍ଥକ ହୋଇବ
ଶିକ୍ଷା ମିଳିବ ବହୁତ ।


+ଗୋରଡ଼ା ପାଳ / କରମୁଳ
ଜି- ଢେଙ୍କାନାଳ,
ମୋ: ୯୯୩୮୦୨୪୧୨


## ଅପାଶୋରା ଜହ୍ନରାତି

### ବସନ୍ତ କୁମାର ପ୍ରଧାନ



ଆଗୋ ମାୟାବିନୀ ଚହଟ ଚାନ୍ଦିନୀ
ଅପାଶୋରା ଜହ୍ନରାତି
ତୁମରି ସ୍ନିଗ୍ଧ ଶୀତଳ ଛୁଆଁରେ
ମନେ ଭରିଦିଅ ତୃପ୍ତି ।
ତୁମେ ଆକାଶର ଚାରୁ ଚନ୍ଦ୍ରାତପେ
ଜାଳ ନକ୍ଷତ୍ରର ବତୀ
ସାରା ଧରଣୀରେ ଝରିପଡ଼େ ତୁମ
ସୁଧାଝରା ଶୁଭ୍ରଜ୍ୟୋତି ।
ତୁମେ ଚାରୁହାସୀ ପ୍ରୀତିପୂର୍ବା ଶଶୀ
ଭରିଦିଅ ପ୍ରେମ ପ୍ରୀତି ।

ନିରୋଳାରେ ତୁମ କୋଳେ ବସିଗଲେ
ଦେଖାଅ ମିଠା ସପନ
ମଧୁ ଚନ୍ଦ୍ରିକାର କର କାଉଁରୀରେ
ପୁଲକିତ କର ପ୍ରାଣ ।
ଚକୋରୀ ମନରେ ଭରିଦିଅ ତୁମେ
କେତେ ବିରହର ତାତି ।

ତୁମେ ନୂଆ ନୂଆ ଶାଢ଼ୀ ପିନ୍ଧୁଥିବା
ଏକ ହସକୁରି ଝିଅ
ଅନେକ ମନରେ କାମ କାମନର
ନିଆଁ ତୁମେ ଜାଳିଦିଅ ।
ହସି ହସାଇବା କଳାରେ ସବୁରି
ହୃଦୟ ଯାଇଛ ଜିତି ।


ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪







# ଖରା ଛୁଟି

## ପ୍ରଦ୍ୟୁମ୍ନ ପଟ୍ଟନାୟକ



ଖରା ବଢ଼ିଯିବାରୁ ସ୍କୁଲ ସବୁ ବନ୍ଦ କରିଦେଲେ ରାଜ୍ୟ ସରକାର । ପିଲାମାନଙ୍କର ମନ ଖୁସି । ଆଉ ସକାଳୁ ଉଠି ସ୍କୁଲ ଯିବାର ନାହିଁ । ଖେଳ କୁଦ ମଉଜ ମସ୍ତି କରିବେ । ବାପା ମା'ଙ୍କର ଚିନ୍ତା ବଢ଼ିଲା । ପିଲା ମାନେ ପଢ଼ିବା ପାଇଁ ନଯାଇ ଘରେ କରିବେ କ'ଣ ? କେବଳ ଦୁଷ୍ଟ ହେବେ। ଦୁଷ୍ଟ ହେବା ତ ପିଲାମାନଙ୍କ ସ୍ୱଭାବ ।

ନିଧି ବାବୁ ଗାଆଁ ବିଦ୍ୟାଳୟରେ ଶିକ୍ଷକ । ତାଙ୍କର ବି ସେହି ଗାଆଁରେ ଘର। ସେଥିପାଇଁ ସମସ୍ତଙ୍କର ପ୍ରିୟ ନିଧି ମାଷ୍ଟର ଭାବେ ଜଣା। ସ୍କୁଲ ଛୁଟି ହୋଇଯିବା ପରେ କେତେଜଣ ଲୋକ ମିଶି ନିଧି ମାଷ୍ଟରଙ୍କ ଘରକୁ ଗଲେ। ତାଙ୍କୁ ଦେଖାକରି ସମସ୍ୟା ଜଣାଇଲେ ।



କହିଲେ, " ମାଷ୍ଟ୍ରେ ଖରା ପାଇଁ ସିନା ସ୍କୁଲ ଛୁଟି ହୋଇଗଲା, ଏତେ ଦିନ ପିଲାମାନେ ଘରେ କରିବେ କ'ଣ ? ଖାଲି ଖାଇ ଶୋଇ ଡିଆଁ କୁଦା ମାରିବା ବ୍ୟତୀତ ଆଉ ତ କିଛି କାମ ନାହିଁ । ଏଥିକୁ କ'ଣ କିଛି ଉପାୟ ନାହିଁ ?

ଲୋକମାନଙ୍କୁ ନିଧି ମାଷ୍ଟ୍ରେ ନିଜ ଘର ପିଣ୍ଡାରେ ବସାଇଲେ । ନିଜେ ବସିପଡ଼ି ବୁଝାଇ କହିଲେ, " ବଡ଼ ବଡ଼ ସହରମାନଙ୍କରେ ପିଲାମାନେ ଗ୍ରୀଷ୍ମ ଛୁଟିକୁ କେମିତି ବିତାଇବେ ସେ ନେଇ ବିଭିନ୍ନ ଯୋଜନା ଥାଏ। ସେଠାକାର ପିଲାମାନେ ଘୋଡ଼ା ଚଢ଼ା, ସନ୍ତରଣ, ସ୍କେଟିଂ, ଟେନିସ୍ ଆଦି ଖେଳ କୁଦ କରିବା ବ୍ୟତୀତ ବାଦ୍ୟଯନ୍ତ୍ର ବଜାଇବା, ନାଚ ଗୀତ ଶିଖିବା ଓ ଡ୍ରଇଁ କରିବା ଭଳି ବିଭିନ୍ନ କଳା କୌଶଳ ଶିକ୍ଷା କରି ଥାଆନ୍ତି। ତା' ଦ୍ୱାରା ପିଲାଙ୍କର ବ୍ୟାୟାମ ହୋଇଯାଏ ଏବଂ ନୂଆ ନୂଆ କଥା ଶିଖିବାରେ ସମୟ ବିତି ଯାଏ ।" କେହିଜଣେ ଅଭିଭାବକ କହିଲେ, " କଣ ଆମ ଗାଁ ପିଲାମାନଙ୍କ ପାଇଁ ସେମିତି କିଛି ବ୍ୟବସ୍ଥା ହୋଇ ପାରିବ ନାହିଁ ?"

ମଧୁ ମାଷ୍ଟ୍ରେ ଦଣ୍ଡେ ଚିନ୍ତା କରି କହିଲେ, "ହଁ ହେବ, ହେବ ନାହିଁ କାହିଁକି ? କାଲିଠାରୁ ପିଲାମାନଙ୍କୁ ସକାଳୁ ସ୍କୁଲ ପାଖ ଖେଳ ପଡ଼ିଆକୁ ପଠାଇ ଦିଅନ୍ତୁ । ମୁଁ ବି ସେଠି ଥିବି । ହଁ, ପିଲାମାନଙ୍କ ହାତରେ ଗୋଟିଏ ଗୋଟିଏ ଜଳପାତ୍ର ଦେଇଥିବେ ଯେମିତି ଲୋଟା, ଢାଳ, ବାଲଟି ଇତ୍ୟାଦି।

ତା' ପରଦିନ ପିଲାମାନେ ସକାଳୁ ସକାଳୁ ଜଳପାତ୍ର ଧରି ବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଗଲେ । ମଧୁ ମାଷ୍ଟ୍ରେ ବି ସେଠାରେ ଥିଲେ । ସେ ପିଲାମାନଙ୍କୁ ଆଗ ପଡ଼ିଆ ଚାରି କଡ଼େ ପାଞ୍ଚ ଥର ଦୌଡ଼ି ଆସିବାକୁ କହିଲେ। ତା'ପରେ ତାଙ୍କୁ ପଡ଼ିଆର ସବୁଜ ଘାସରେ କେତୋଟି ଯୋଗ ଅଭ୍ୟାସ କରାଇଲେ। ଏମିତିରେ ଅଧା ଘଣ୍ଟା ବିତିଯିବା ପରେ ପିଲାମାନେ ଥକି ଯାଇଥିଲେ । ତେଣୁ ମାଷ୍ଟ୍ରେ ପିଲାଙ୍କୁ ବସାଇ ରାମାୟଣ, ମହାଭାରତ, ପୁରାଣ ଏବଂ ଇତିହାସରୁ ବିଭିନ୍ନ କାହାଣୀ ଶୁଣାଇଲେ । ସେଥିରେ ଥିବା ଶିଖିବା ଓ ଅନୁକରଣ କରିବା ବିଷୟ ଗୁଡ଼ିକ ବୁଝାଇ ଦେଲେ । ସେ ଅନୁଯାୟୀ କାମ କରିବାକୁ କହିଲେ।

ଗପ ଶୁଣି ପିଲାଙ୍କର ଥକା ମେଣ୍ଟି ଯାଇଥିଲା। ଖରା ଆସି ଯାଇଥିଲା। ଘରକୁ ଫେରିବା ପୂର୍ବରୁ ସାଥିରେ ଆଣିଥିବା ଜଳପାତ୍ର ଗୁଡ଼ିକରେ ପାଣି ଭରି ବିଦ୍ୟାଳୟର ହତାରେ ଲଗା ଯାଇଥିବା ଗଛ ମୂଳରେ ଢାଳି ଦେଇ ଯିବାକୁ କହିଲେ। ସବୁଦିନ ଏମିତି ବ୍ୟାୟାମ, ଗପ ଶୁଣା ଏବଂ ଗଛରେ ପାଣି ଦିଆ ଚାଲୁ ଥାଏ। ଏସବୁ କାର୍ଯ୍ୟରେ ପିଲାମାନେ ଯେତିକି ଖୁସି ଥିଲେ ମଧୁ ମାଷ୍ଟରଙ୍କର ଆଗ୍ରହ ମଧ ସେତିକି ବଢୁଥାଏ । ସେ ପିଲାମାନଙ୍କ ପାଇଁ ବିଭିନ୍ନ ଶିଶୁ ସାହିତ୍ୟ, ପତ୍ର ପତ୍ରିକା ଏକାଠି କରି ସେଥିରୁ ଗପ ଗୀତ ପଢି ଶୁଣାଉଥିଲେ। ତେଣୁ ପିଲାମାନଙ୍କର ଶିଶୁ ସାହିତ୍ୟ ପଢିବାର ଆଗ୍ରହ ବଢ଼ିଲା । କିଛି ପିଲା ଆଗ୍ରହ ସହକାରେ ଗପ ଗୀତ ପଢ଼ିବା ସହ ନିଜେ ଲେଖିବାକୁ ଚେଷ୍ଟା କଲେ। ପାଠ ବହି ବ୍ୟତୀତ ଅନ୍ୟ ବହି ପଢ଼ି ବହୁତ୍ କଥା ଜାଣିଲେ।

ଏସବୁ ଦେଖି ଗାଆଁ ଲୋକମାନେ ମଧୁ ମାଷ୍ଟରଙ୍କର ପ୍ରଶଂସା କରିବା ସହିତ ଗାଁରେ ଚାନ୍ଦା କରି ପିଲାଙ୍କ ପାଇଁ ଗୋଟିଏ ପାଠାଗାର ଗଢ଼ି ଦେଲେ। ପିଲାମାନଙ୍କର ଲମ୍ବା ଖରା ଛୁଟି ବହୁତ ଭଲରେ ବିତିଗଲା ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଶ୍ରାବଣେ ପୋତିବା ଚାରା

## ରାମଚନ୍ଦ୍ର ବେହେରା



ଶ୍ରାବଣ ଆସିଛି ବରଷା ଝରୁଛି
ହସୁଛି ସବୁଜ ଧରା
ଆସ ମିଳିମିଶି ଖାଲି ଜାଗା ଦେଖି
ପୋତିଦେବା ନୂଆ ଚାରା।

ଧରଣୀ କୋଳରେ ଗଛ ଲତା ପରା
ଆମ ସଭିଂକର ମିତ
ଜଗତ କଲ୍ୟାଣେ ଜୀବନ ସମର୍ପି
କରିଥାଏ ଜନ ହିତ।

ସରାଗେ ଦିଏ ସେ ଫୁଲ ଫଳ ଛାଇ
ଜାଳେଣୀ ପତର କାଠ
ଯେତେ ଦୁଃଖ କଷ୍ଟ ଆସେ ତା'ଜୀବନେ
ନକରଇ ପ୍ରତିବାଦ।

ବଣ ଜଂଗଲରେ ଦିଶୁନାହିଁ ଆଜି
ଚାରୁ ତରୁଲତା ଶୋଭା
ଗଛର ବିନାଶେ ପ୍ରଖର ହେଉଛି
ଗ୍ରୀଷମ ସୂରୁଜ ଆଭା।

ଗଛ ଲଗାଇଲେ ପ୍ରକୃତି ହସିବ
ବିହଂଗ ଗାଇବେ ଗୀତ
ନୀଳ ଆକାଶରୁ ଝରିବ ବରଷା
ହସିବ ଗହୀର କ୍ଷେତ।

ଅଂଗାରକାମ୍ଳକୁ ଆପଣାଇ ସିଏ
ଦେବ ଶୁଦ୍ଧ ଅମ୍ଳଜାନ
ତା'ପାଇଁ ଫେରିବ ସ୍ୱଛ ପରିବେଶ
ଦୂରେଇବ ପ୍ରଦୂଷଣ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୪୫୫୬୩୪୩୪୬

# ପାହିଲା ରାତି

## ସୁଦର୍ଶନ ମହାପାତ୍ର

ଆକାଶ ଦେଶେ ଜହ୍ନମାମୁଁର
ନ ଦିଶେ ଆଉ ହସ
ମିଟିମିଟିକା ତାରକା ଗଣ
ହୁଅନ୍ତି ନାହିଁ ଦୃଶ୍ୟ ।।

ଅଳସ ଭାଙ୍ଗି ଛାତରେ ଶେଯ
କହିଲେ ଆସି ମାଆ
ପାହିଲା ରାତି ଉଠ ଝଟତି
ଡାକିଲାଣି ଯେ କୁଆ ।।

ପୂରୁବ ଦିଗେ ନାଲି ସୂରୁଜ
ହସିଲା ମୁହଁ କାଢ଼ି
ରାବିଲେ ପକ୍ଷୀ ମେଲାଇ ଡେଣା
ଖୁସିରେ ଗଲେ ଉଡି ।।

ସିରି ସିରିକା ବହିଲା ବାଆ
ପତ୍ର ଦୋହଲେ ଥିରି
କୁଣ୍ଡାଫାପୁଲି ଝୁଲି ଡାଳରେ
ହସଇ କିରି କିରି ।।

ବାଡ଼ି ବଗିଚା ମହକାଇଲେ
କଢ଼ରୁ ଫୁଲ ଫୁଟି
ଗୋଲାପୀ ନାଲି ହଳଦୀ ଧଳା
ରକମ ଗୋଟି ଗୋଟି ।।

ଉଡି ବୁଲିଲେ ପରଜାପତି
ଫୁଲରୁ ଫୁଲ ଛୁଇଁ
ମଧୁ ସଂଗ୍ରହେ କଳା ଭଅଁର
ଆସିଲା ଗୀତ ଗାଇ ।।

କହିଲେ ଜେଜେ କୁନାକୁ ଡାକି
ଛାଡ଼ ଅଳସ ପଣ
ଡେ଼ରି ନକରି ଆସନେ ବସି
ପଢ଼ ଲଗାଇ ମନ ।।

କୁଞ୍ଜବିହାରୀ ଲେନ, କଟକ
ମୋ : ୯୪୩୮୧୭୫୫୪୨

# ସେଇ ମୋ ଜନ୍ମ ଭୂଇଁ

## ରତ୍ନକାନ୍ତି ମିଶ୍ର



ଯେଉଁ ମାଟିରେ ଜନମ ମୋର
ପାଣି ପବନେ ବଢିଛି ଯା'ର ,
ତା ଫଳ ମୂଳୁ ଶକତି ନେଇ
ଚାଲି ଶିଖିଛି ପ୍ରଥମେ ଯହିଁ
ସେଇ ମୋ ଜନ୍ମ ଭୂଇଁ ।

ହୃଦୟ ପରା କୋମଳ ତାର
ଆପଣାପଣେ କରେ ଆଦର,
ଭିନ୍ନ ଜାତି ବା ଧରମ ଥାଇ
ସଭିଙ୍କୁ ସ୍ନେହ ମିଳଇ ଯହିଁ
ସେଇ ମୋ ଜନ୍ମ ଭୂଇଁ ।

ଗରଭେ ଧନ ଅଛି ସାଇତି
କଳା ଭାସ୍କର୍ଯ୍ୟେ ରଚିଛି କୀର୍ତ୍ତି,
ଦୁଃଖ ଅନ୍ଧାର ଦୂରେଇ ଯାଇ
ଖୁସି ଆଲୁଅ ମିଳଇ ଯହିଁ
ସେଇ ମୋ ଜନ୍ମ ଭୂଇଁ ।

ଭରିଛି ବଣ ପାହାଡ଼ ଝର
ପାଦ ଧୁଏ ତା ନୀଳ ସାଗର,
ଅମାପ ଜଳ ସଙ୍ଗତେ ନେଇ
ନଦୀ ଛନ୍ଦରେ ବହଇ ଯହିଁ
ସେଇ ମୋ ଜନ୍ମ ଭୂଇଁ ।

ତୋଟା ତମାଳ ବୁଲି ବୁଲିକା
ଖାଏ ମୁଁ କୋଳି ଖୋଜି ଖୋଜିକା
ଯେତେ ଚାହିଁଲେ ସେତେ ମିଳଇ
ପେଟ ଭରଇ ଆନନ୍ଦେ ଯହିଁ
ସେଇ ମୋ ଜନ୍ମ ଭୂଇଁ ।

ବାର ମାସରେ ତେର ପରବ
ଭାଷା ସଂସ୍କୃତି ଆମରି ଗର୍ବ
ଭକତ ଜନ ଦର୍ଶନ ପାଇଁ
ଜଗତ ନାଥ ବୁଲଇ ଯହିଁ
ସେଇ ମୋ ଜନ୍ମ ଭୂଇଁ ।

+ଆଳି, କେନ୍ଦ୍ରାପଡ଼ା
ମୋ: ୮୨୪୯୭୯୯୯୭୧


ବିଜ୍ଞାନ ଗବାକ୍ଷ-୧୩

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ମହାକାଶ ଗବେଷଣାରେ ବେସରକାରୀ ସଂସ୍ଥା

ଏଇ ମାସ ୧୮ ତାରିଖ (ଜୁଲାଇ ୧୮, ୨୦୨୬) ଭାରତୀୟ ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ା ହେଲା। ଏକ ଷ୍ଟାର୍ଟଅପ୍ କମ୍ପାନୀ ସ୍କାଇରୁଟ୍ ଭାରତୀୟ ବିମାନ ବନ୍ଦର ଶ୍ରୀହରିକୋଟାରୁ ବିକ୍ରମ-୧ ରକେଟକୁ ସଫଳତା ସହିତ ମହାକାଶକୁ ଉତ୍କ୍ଷେପଣ କଲା। ଭାରତ ପାଇଁ ଏହା ପ୍ରଥମଥର ଯେଏକ ବେସରକାରୀ ସଂସ୍ଥା ମହାକାଶକୁ ଏକ ରକେଟ ଉତ୍କ୍ଷେପଣ କରି ସଫଳତା ହାସଲ କଲା। ଏହି କ୍ରମରେ ପୃଥିବୀରେ ଭାରତ ହେଲା ତୃତୀୟ ଦେଶ ଯେଉଁଠୁ ମହାକାଶକୁ ଏକ ଘରୋଇ ସଂସ୍ଥା ଦ୍ୱାରା ନିର୍ମିତ ରକେଟ ସଫଳତା ସହିତ ଯାତ୍ରା କଲା। ଅନ୍ୟ ଦୁଇଟି ଦେଶ ହେଉଛନ୍ତି ଆମେରିକା ଓ ଚୀନ୍।




ସ୍କାଇରୁଟ କମ୍ପାନୀର ସଫଳତା ନିଶ୍ଚିତ ଭାବରେ ସାରା ଦେଶର ଲୋକଙ୍କୁ ଗର୍ବିତ କରିଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହାର ପ୍ରଶଂସା କରିଛନ୍ତି। ଦେଶର ଅନେକ ବୈଜ୍ଞାନିକ ଏବଂ ଚିନ୍ତାନାୟକ ସ୍କାଇରୁଟର ସଫଳତାରେ ଖୁସି ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ରକେଟ ବିକ୍ରମ-୧ରେ ବ୍ୟବହାର କରାଯାଇଥିବା ଜ୍ଞାନ କୌଶଳ ଏବଂ ଉନ୍ନତ ବସ୍ତୁ। ଏଇଠି ଗୋଟିଏ କଥା ମନେ ରଖିବାକୁ ହେବ ଯେ ସ୍କାଇରୁଟର ପ୍ରତିଷ୍ଠାତା ଦୁଇଜଣ ଯୁବ ଇସ୍ରୋ ବୈଜ୍ଞାନିକ। ଇଶ୍ରୋରେ କାମ କରୁଥିଲାବେଳେ ସେମାନେ ଚିନ୍ତା କରିଥିଲେ- ଇଶ୍ରୋ ବାହାରେ କିଛି ନୂଆ କାମ କରିବାକୁ। ସମୟ ମଧ୍ୟ ସେମାନଙ୍କୁ ସୁଯୋଗ ଦେଲା। ଦେଶରେ ବିଭିନ୍ନ କ୍ଷେତ୍ରରେ ଆରମ୍ଭ ହୋଇଥିବା 'ଷ୍ଟାର୍ଟ - ଅପ୍' ବିପ୍ଳବକୁ ସେମାନେ ଏକ ସୁଯୋଗ ବୋଲି ଗ୍ରହଣ କରିଥିଲେ। କିଛି ବର୍ଷ ଆଗରୁ ମହାକାଶ ବିଜ୍ଞାନ, ଆଣବିକ ଶକ୍ତି ଗବେଷଣା ଓ ଅନ୍ୟ କିଛି କ୍ଷେତ୍ର ବେସରକାରୀ ସଂସ୍ଥାମାନଙ୍କ ଲାଗି ଅପହଂଚ ଥିଲା। ମାତ୍ର ଏବେ ନୁହେଁ।

ଆଗରୁ ମହାକାଶ ବିଜ୍ଞାନ ଗବେଷଣା କ୍ଷେତ୍ରରେ ବେସରକାରୀ ସଂସ୍ଥାମାନଙ୍କ ପ୍ରବେଶ ନଥିବାରୁ ଦୁଇଟି ମୁଖ୍ୟ କାରଣ ଥିଲା। ପ୍ରଥମଟି ସରକାରୀ ନୀତି। ଦ୍ୱିତୀୟଟି ମହାକାଶ ଗବେଷଣା ଲାଗି ଆବଶ୍ୟକ ଅର୍ଥ ଓ ସୁବିଧା ଭଲ କଥା, ଏବେ ସରକାରଙ୍କ ଉଦାରିକରଣ ନୀତି ଅନେକ ବେସରକାରୀ ସଂସ୍ଥାଙ୍କୁ ଉତ୍ସାହିତ କରିଛି ଏ ବ୍ୟୟସାପେକ୍ଷ କ୍ଷେତ୍ରରେ ପ୍ରବେଶ କରିବାକୁ।

ଇଶ୍ରୋର ରକେଟ୍ ଏବଂ ଉପଗ୍ରହ ନିର୍ମାଣ କାମରେ ବେସରକାରୀ ସଂସ୍ଥାଙ୍କ ଅଂଶଗ୍ରହଣ ବେଶ ଆଗରୁ ଆରମ୍ଭ ହୋଇଛି। ରକେଟ ଓ ଉପଗ୍ରହଙ୍କ ଅନେକ ଅଂଶ ନିର୍ମାଣ କରିବା, ପରୀକ୍ଷଣ କରିବା ଏବଂ ଉନ୍ନତମାନର ଯନ୍ତ୍ରାଂଶ ରକେଟ ଓ ଉପଗ୍ରହ ଲାଗି ପ୍ରସ୍ତୁତ କରିବା କାମ ଏ ଶତାବ୍ଦୀର ପ୍ରାରମ୍ଭରୁ ଆରମ୍ଭ ହୋଇଥିଲା। ବିଭିନ୍ନ ନିୟମିତ କାମ ଲାଗି ବେସରକାରୀ ସଂସ୍ଥାମାନଙ୍କୁ ନିଯୋଜିତ କରାଯାଇଥିଲା। ଫଳରେ ଇଶ୍ରୋର ବୈଜ୍ଞାନିକ ଏବଂ ଇଂଜିନିୟରମାନେ ନିଜ ସମୟକୁ ଗବେଷଣାରେ ଲଗେଇ ପାରିବେ।

୧୯୯୦ ଦଶକରେ ଭାରତରେ ମହାକାଶ ବିଜ୍ଞାନ କ୍ଷେତ୍ରରେ କାମ ଆରମ୍ଭ ହୋଇଥିଲା। ଦେଶର ବୈଜ୍ଞାନିକ ଓ ଇଂଜିନିୟରଙ୍କ ଅକ୍ଳାନ୍ତ ପରିଶ୍ରମ, ଉପଯୁକ୍ତ ସରକାରୀ ସାହାଯ୍ୟ, ସହଯୋଗ ଓ ପ୍ରୋତ୍ସାହନ ଭାରତକୁ ଅତି କମ ସମୟରେ ପୃଥିବୀର ଶ୍ରେଷ୍ଠ ମହାକାଶ ଗବେଷଣାର ସଂଶ୍ଳିଷ୍ଟ ଦେଶମାନଙ୍କୁ ମଧ୍ୟରେ ରଖିଥିଲା ସ୍କାଇରୁଟ୍‌ର ପ୍ରାରମ୍ଭିକ ସଫଳତା ଆମକୁ ଭବିଷ୍ୟତ ଲାଗି ଆଶା ଦେଇଛି ସତ, ମନରେ ମଧ୍ୟ କିଛି ଆଶଙ୍କା ସୃଷ୍ଟି କରିଛି। ବର୍ଷ ବର୍ଷ ଧରି ଇଶ୍ରୋର ବୈଜ୍ଞାନିକମାନେ ଯେଉଁ କଷ୍ଟଲବ୍ଧ ସଫଳତା ପାଇଛନ୍ତି,ସେରକେଟ୍ ବିଜ୍ଞାନ, ନିର୍ମାଣ ଓ ପରୀକ୍ଷଣ ହେଉ ବା ଉପଗ୍ରହ ପ୍ରଣାଳୀ, ବେସରକାରୀ ସଂସ୍ଥାମାନେ ତାହା କରିପାରିବେ ତ। ଇଶ୍ରୋ ଆଦି ଦୂରସଂଚାର, ଦୂର ସଂବେଦନ ଓ ଅନ୍ୟ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିଛି। ସେଥିଲାଗି ଆବଶ୍ୟକ ଗବେଷଣା ଲାଗି ଘରୋଇ ସଂସ୍ଥାମାନେ ଯଥେଷ୍ଟ ଅର୍ଥ, ମାନବ ସମ୍ବଳ, ନିଷ୍ଠା ଓ ଉତ୍ସାହ ନିୟୋଜିତ କରିପାରିବେ ତ ? ସମୟ ଏ ସବୁ ପ୍ରଶ୍ନର ଉତ୍ତର ଦେବ ନିଶ୍ଚୟ।


(କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮

# ଯେମିତି କର୍ମ ସେମିତି ଫଳ

## ପ୍ରଣତି ଆଚାର୍ଯ୍ୟ ମିଶ୍ର





ଏକ ଘଞ୍ଚ ଜଙ୍ଗଲ ଥିଲା। ସେଠାରେ ସିଂହ, ଚିତାବାଘ, ଭାଲୁ, ମାଙ୍କଡ଼, ହାତୀ, ମୟୂର ଆଦି ସବୁ ପଶୁପକ୍ଷୀ ବହୁତ ସ୍ନେହ ଆଦରରେ ଗୋଟିଏ ପରିବାର ପରି ରହୁଥିଲେ। ସିଂହକୁ ସେହି ପରିବାରର ମୁଖ୍ୟ ବୋଲି କୁହାଯାଉଥିଲା।

ସେହି ଜଙ୍ଗଲକୁ ଯିଏ ଆସେ ତାକୁ ପଶୁ ପକ୍ଷୀ ମିଶି ସ୍ୱାଗତ କରୁଥିଲେ । ଦିନକର କଥା, ଜଣେ ମଣିଷ ବାଟ ଭୁଲି ଜଙ୍ଗଲକୁ ଚାଲି ଆସିଲା । ରାତି ହେବାକୁ ଯାଉଥିଲା। ଜଙ୍ଗଲ ଭିତରେ ତାକୁ ଭୟ ଲାଗିଲା। ସେତିକି ବେଳେ ଏକ ମାଙ୍କଡ଼ର ନଜର ତା' ଉପରେ ପଡ଼ିଲା। ତାକୁ ଭୟଭୀତ ଦେଖି ମାଙ୍କଡ଼ଟି ନିଜ ସହ ଆସିବାକୁ କହିଲା। ମଣିଷଟି ମାଙ୍କଡ଼ ପଛେ ପଛେ ଗଲା ।

କିଛି ସମୟ ପରେ ସେମାନେ ଏକ ସୁନ୍ଦର ସ୍ଥାନରେ ପହଞ୍ଚିଲେ । ସେଠାକାର ଦୃଶ୍ୟ ଦେଖି ମଣିଷ ଆଶ୍ଚର୍ଯ୍ୟ ହୋଇଗଲା। ସବୁ ପଶୁ ପକ୍ଷୀ ଏକାଠି ବସି ଭୋଜନ କରୁଥିଲେ। ସମସ୍ତେ ସେହି ମଣିଷକୁ ଆଦରର ସହ ସ୍ୱାଗତ କଲେ ଏବଂ ଭୋଜନ କରିବାକୁ କହିଲେ। ଏକ ବଡ଼ କଦଳୀ ପତ୍ରରେ ବିଭିନ୍ନ ପ୍ରକାରର ଫଳ ରଖି ତାକୁ ଖାଇବାକୁ ଦିଆଗଲା। ସେ ଚୁପଚାପ୍ ଖାଇଲା ଏବଂ ବିଶ୍ରାମ କଲା।

ରାତିସାରା ସେ ଏହି କଥା ଭାବୁଥିଲା ଯେ ଏମାନେ ସମସ୍ତେ ଏକାଠି କେମିତି ରହିପାରୁଛନ୍ତି ? ସିଂହ ଏହି ପଶୁମାନଙ୍କ ସହ କିପରି ଭୋଜନ କରିପାରୁଛି ? ସିଂହ ପଶୁ ଶିକାର କରି ଖାଇବା କଥା। ଏଠାରେ ତ ଓଲଟା କଥା ଘଟୁଛି । ଏହା ତ ଜଙ୍ଗଲର ନିୟମ ବିରୁଦ୍ଧ।

ସକାଳେ ଉଠିଲା ପରେ ସେ ଦେଖିଲା ସିଂହ ମହାରାଜ ତା' ପାଖକୁ ଆସିଛନ୍ତି। ସିଂହକୁ ପାଖକୁ ଆସୁଥିବାର ଦେଖି ସେ କହିଲା, ହେ ସିଂହ ମହାରାଜ ଆପଣ ତ ସବୁଠାରୁ ଶକ୍ତିଶାଳୀ ଏବଂ ଜଣେ ରାଜା। ଆପଣଙ୍କୁ ଏଭଳି ସମସ୍ତଙ୍କ ସହ ଉଠାବସା କରିବା ଶୋଭା ପାଉନାହିଁ। ରାଜାଙ୍କ କାମ ଶାସନ କରିବା।

ସିଂହ କହିଲା, ଆପଣ ଏମିତି କ'ଣ କହୁଛନ୍ତି ମହାଶୟ ଏହା ମୋର ପରିବାର। ପରିବାରରେ ଜଣେ ମୁଖ୍ୟ ନିଶ୍ଚୟ ଥାଏ, ଯିଏ ସମସ୍ତଙ୍କୁ ମାର୍ଗଦର୍ଶନ କରେ, କିନ୍ତୁ ଶାସନ କରିବା କଥା ପରିବାର ଉପରେ ଲାଗୁ ହୁଏନାହିଁ।

ମଣିଷ କହିଲା ମହାରାଜ, ଆପଣ ବହୁତ ସରଳ। ଆପଣ ଜାଣିଛନ୍ତି କି, ଯାହାଙ୍କ ସହ ଆପଣ ଉଠାବସା କରୁଛନ୍ତି, ସେମାନେ ଆପଣଙ୍କ ପରିବାର ନୁହଁନ୍ତି, ଆପଣଙ୍କ ଆହାର। ଅନ୍ୟ ଜଙ୍ଗଲଗୁଡ଼ିକୁ ଦେଖନ୍ତୁ। ସେଠାକାର ସିଂହମାନଙ୍କୁ ସମସ୍ତେ ଭୟ କରନ୍ତି । କାହାର ବି ସାହସ ନଥାଏ ସେମାନଙ୍କ ସାମ୍ନାରେ ବସିବାକୁ । ଆପଣ ନିଜ ଶକ୍ତିକୁ ଚିହ୍ନନ୍ତୁ ଏବଂ ନିଜ ଜାତିର ସମ୍ମାନ ରଖନ୍ତୁ।

ମଣିଷର ଏହି କଥା ଶୁଣି ସିଂହ କିଛି ସମୟ ଚିନ୍ତା କଲା। ତା'ପରେ ସେ ଏକ ସଭା ଡକାଇଲା।

ସବୁ ପଶୁ ସଭାରେ ଏକାଠି ହେଲେ। ସିଂହ କହିଲା, ଆଜି ପର୍ଯ୍ୟନ୍ତ ମୁଁ ଆପଣ ସମସ୍ତଙ୍କୁ ନିଜର ପରିବାର ମାନି ଆସିଛି। ନିଜକୁ କେବେ ରାଜା ଭାବିନାହିଁ କିମ୍ବା କାହାର କିଛି କ୍ଷତି କରିନାହିଁ। କିନ୍ତୁ ଏବେ ସମୟ ଆସିଯାଇଛି ଯେ ମୁଁ ମୋର ସ୍ୱାଭାବିକ ପ୍ରବୃତ୍ତି ଅନୁଯାୟୀ ନିଜର କର୍ତ୍ତବ୍ୟ ପୂରଣ କରିବି। ଏହି ମଣିଷ ଆଜି ମୋର ଆଖି ଖୋଲି ଦେଇଛି। ସିଂହର ଏହି କଥା ଶୁଣି ସବୁ ପଶୁ ଭୟରେ ଥରିବାକୁ ଲାଗିଲେ କିନ୍ତୁ ମଣିଷଟି ବହୁତ ଖୁସି ହେଉଥିଲା ଏବଂ ନିଜ ଉପରେ ଗର୍ବ ଅନୁଭବ କରୁଥିଲା।

ସିଂହ ମହାରାଜ କହିଲେ, କୌଣସି ବି ପ୍ରାଣୀ ନିଜର ପ୍ରକୃତି ଛାଡେ ନାହିଁ। ହେଲେ ସେଥିରେ ସଂଶୋଧନ ନିଶ୍ଚୟ କରେ ଯାଦ୍ୱାରା ସେ ନିଜ ଇଚ୍ଛା ଅନୁସାରେ ଜୀବନ ଜୀଇଁପାରିବ। ଏହି ମଣିଷ ନିଜର ସ୍ୱାଭାବିକ ପ୍ରବୃତ୍ତି ଛାଡ଼ିଲା ନାହିଁ। ନିଜ ସ୍ୱଭାବ ଅନୁଯାୟୀ ଆମ ପରିବାରରେ ଫାଟ ସୃଷ୍ଟି କରିବାକୁ ଚାହୁଁଛି। ଯେଉଁ ପରିବାର ତାକୁ ସାହାଯ୍ୟ କଲା, ତାକୁ ହିଁ ଏ ମଣିଷ କୂଟନୀତି ଶିଖାଇବାକୁ ଚାହୁଁଛି। ତେଣୁ ଏବେ ମୁଁ ମୋର ପ୍ରାକୃତିକ ସ୍ୱଭାବ ଅନୁସାରେ ଏହାକୁ ଦଣ୍ଡ ଦେବି।

ଏତିକି କହି ସିଂହ ନିଜ ପଞ୍ଝା ପ୍ରହାରରେ ସେହି ମଣିଷକୁ ଆହତ କରି ଚେତାଶୂନ୍ୟ କରିଦେଲା ଏବଂ ହାତୀକୁ ଅନୁରୋଧ କଲା କି ସେ ତାକୁ ଟେକି ନେଇ ଜଙ୍ଗଲ ସୀମାରୁ ଦୂରରେ ଛାଡ଼ି ଆସୁ । ହାତୀ ସେୟା ହିଁ କଲା।

ଏହା ପରେ ସବୁ ପଶୁପକ୍ଷୀ ପୂର୍ବ ପରି ମିଳିମିଶି ରହିବାକୁ ଲାଗିଲେ। ସେହି ଦିନଠାରୁ ସେ ଜଙ୍ଗଲରେ ମଣିଷମାନଙ୍କର ପ୍ରବେଶ ନିଷେଧ କରାଗଲା।

+ ନୟାଗଡ଼
ମୋ:୯୪୩୭୬୪୨୯୪୭

# ରଘୁନାଥପାଲି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କଲେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶକ

ଝାରସୁଗୁଡ଼ା,୩୧/୦୭ (ନି.ପ୍ର): ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଡ. ବୃନ୍ଦା ଡି ରଘୁନାଥପାଲି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ-କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଯୋଗାଣର ସରଜମିନ୍ ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ କାଳରେ ସେ ଉପ-କେନ୍ଦ୍ରର ସୋସିଆଲ୍ ଓ କ୍ଲିନିକାଲ୍ ସେବା ଭିତିଭୂମି, ସିଏଚ୍ଓ କ୍ଲିନିକାଲ୍ ରୁମ୍, ମଲ୍ଟି-ୟୁଟିଲିଟି ରୁମ୍, ଏଏନ୍ଏମ୍ କ୍ଲିନିକ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ଷମ ବିଭାଗଗୁଡ଼ିକୁ ବୁଲି ଦେଖିବା ସହ ସେବାର ମାନ ଯାଂଚ୍ କରିଥିଲେ। ଏହି ଅବସରରେ ମିଶନ ନିର୍ଦ୍ଦେଶକ ଉପ-କେନ୍ଦ୍ରରେ କାର୍ଯ୍ୟରତ କମ୍ୟୁନିଟି ହେଲ୍ଥ ଅଫିସର, ଏଏନ୍ଏମ୍, ଆଶାକର୍ମୀ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ସେ ୧୨ଟି ପ୍ୟାକେଜ୍ ବିଶିଷ୍ଟ ବ୍ୟାପକ ପ୍ରାଥମିକ ସ୍ୱାସ୍ଥ୍ୟସେବାର ସଫଳ କାର୍ଯ୍ୟକାରିତା, ଜରୁରୀକାଳୀନ ଔଷଧର ଉପଲବ୍ଧତା, ରୋଗ ନିରୂପଣ ଓ ପରୀକ୍ଷା ବ୍ୟବସ୍ଥା, ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅଗ୍ରଗତି, ନଥିପତ୍ର ଓ ରେକର୍ଡ ସଂରକ୍ଷଣ ଏବଂ ରୋଗୀସେବାର ଗୁଣବତା ସମ୍ପର୍କରେ ପଚାରି ବୁଝିଥିଲେ। ରଘୁନାଥପାଲି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ-କେନ୍ଦ୍ରର ସାମଗ୍ରିକ କାର୍ଯ୍ୟକାରିତା, ସ୍ୱଚ୍ଛତା ଏବଂ ଗ୍ରାମାଚଂଳର ନାଗରିକମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟସେବାକୁ ନେଇ ମିଶନ ନିର୍ଦ୍ଦେଶକ ସନ୍ତୋଷ ପ୍ରକାଶ କରିବା ସହ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିଷ୍ଠାପର ସେବା ପ୍ରଚେଷ୍ଟାକୁ ମଧ୍ୟ ପ୍ରଶଂସା କରିଥିଲେ।

# ଜିଲ୍ଲାପାଳଙ୍କ ଏକତାଲି ବାଳିକା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ: ଭିତ୍ତିଭୂମି ଓ ଶିକ୍ଷାଦାନ ବ୍ୟବସ୍ଥାର ସମୀକ୍ଷା

ଝାରସୁଗୁଡ଼ା,୩୧/୦୭ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏକତାଲି ବାଳିକା ପ୍ରାଥମିକ ବିଦ୍ୟାଳୟ ଅଚାନକ ପରିଦର୍ଶନ କରି ବିଦ୍ୟାଳୟର ସାମଗ୍ରିକ ପରିଚାଳନା, ଭିତିଭୂମି ଏବଂ ଶିକ୍ଷାଦାନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଭିନ୍ନ ଶ୍ରେଣୀଗୃହ ବୁଲି ଛାତ୍ରୀମାନଙ୍କର ଶିକ୍ଷଣ ସ୍ତରର ଆକଳନ କରିବା ସହ ସେମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ବିଦ୍ୟାଳୟର ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ପରିମଳ ଓ ପରିଚ୍ଛନ୍ନତା ସହ ଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ମୌଳିକ ସୁବିଧାର ତଦାରଖ କରିଥିଲେ। ବିଦ୍ୟାଳୟ ପରିସରରେ ସ୍ୱଚ୍ଛ, ସୁରକ୍ଷିତ ଓ ଶିକ୍ଷାନୁକୂଳ ପରିବେଶ ବଜାୟ ରଖିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ଭିତିଭୂମିର ଅଧିକ ଉନ୍ନତି ସହିତ ଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲାପାଳ ଉପସ୍ଥିତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଶିକ୍ଷାର ଗୁଣବତା ବୃଦ୍ଧି ସହ ଛାତ୍ରୀମାନଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ସମସ୍ତେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।

# ପୂର୍ବତନ ପ୍ରଧାନଶିକ୍ଷକ ବାଙ୍କା ବିହାରୀ ପଣ୍ଡାଙ୍କର ବିୟୋଗ

ବଲାଙ୍ଗୀର,୩୧/୦୭ (ନି.ପ୍ର): ବଲାଙ୍ଗୀର ପ୍ରତିତପାବନ ଏକାଡେମୀର ପୂର୍ବତନ ପ୍ରଧାନ ଶିକ୍ଷକ ବାଙ୍କା ବିହାରୀ ପଣ୍ଡାଙ୍କର ଗତ ବୁଧବାର ରାତି ପ୍ରାୟ ୨ଟା ୪୫ମିନିଟ ସମୟ ରେ ୮୦ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରେ ପୀଡ଼ିତ ଥିଲେ। ତେବେ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ୱେ ତାଙ୍କୁ ବଂଚାଇବା ସମ୍ଭବ ହୋଇନଥିଲା। ସ୍ୱର୍ଗତ ପଣ୍ଡା ଜଣେ ମେଳାପୀ, ମିଷ୍ଟଭାଷୀ, ସରଳ ସ୍ୱଭାବର ବ୍ୟକ୍ତି ତଥା ଛାତ୍ରବତ୍ସଳ ଶିକ୍ଷକ ଭାବେ ସମସ୍ତଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଆଜି ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଶ୍ରୀ ପଣ୍ଡାଙ୍କ ବରପାଲିପଡ଼ା ସ୍ଥିତ ବାସଭବନରେ ବହୁ ଲୋକଙ୍କ ଭିଡ଼ ଜମିଥିଲା। ମୃତ୍ୟୁଶଯ୍ୟାରେ ତାଙ୍କର ତିନିପୁତ୍ର ଶ୍ରୀମନ୍ତ, ସୁଶାନ୍ତ ଓ ସୁଜିତ, ପୁତ୍ରବଧୂ, ନାତି ନାତି ନାତୁଣୀ ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷର ଶିକ୍ଷକତା ଜୀବନ ମଧ୍ୟରେ ସେ ଶିକ୍ଷାସେବାକୁ ବୃତି ନୁହେଁ ବ୍ରତ ଭାବରେ ଗ୍ରହଣ କରିଥିଲେ। ଏକଦା ଅନୁଶାସନ, ସମୟାନୁବର୍ତିତା ଓ ଶିକ୍ଷାର୍ଥୀର ଚରିତ୍ର ଗଠନକୁ ସବୁବେଳେ ପ୍ରାଥମିକତା ଦେଇ ଆସୁଥିବା ଶିକ୍ଷାନୁଷ୍ଠାନ ପତିତପାବନ ଏକାଡେମୀର ଜଣେ ଶିକ୍ଷକ ଭାବରେ ଓ ପରବର୍ତୀ ସମୟରେ ଜଣେ ପ୍ରଧାନ ଶିକ୍ଷକ ଭାବରେ ସମସ୍ତଙ୍କ ପ୍ରିୟ ଓ ପୂଜ୍ୟ ବଙ୍କା ଆଜ୍ଞା ଅଗଣିତ ଛାତ୍ରମାନଙ୍କ ହୃଦୟରେ ଏକ ଅଲିଭା ସ୍ୱାକ୍ଷର ଛାଡ଼ି ଚାଲି ଯାଇଛନ୍ତି। ୧୯୭୧ ମସିହାରେ ପିପି ଏକାଡେମୀରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶ୍ରୀ ପଣ୍ଡା ୨୦୦୭ ମସିହାରେ ଶିକ୍ଷକତାରୁ ଅବସର ନେଇଥିଲେ। ତାଙ୍କ ଆବର୍ତମାନରେ ତାଙ୍କୁ ଝୁରି ହେଉଛି ତାଙ୍କର କର୍ମମୟ ଜୀବନର ମୂକସାକ୍ଷୀ ପତିତପାବନ ଏକାଡେମୀ। ଶିକ୍ଷକତା ଜୀବନରେ ଅନେକ ସଫଳ ମଣିଷ ଗଢ଼ିଥିବା ବାଙ୍କା ଆଜ୍ଞାଙ୍କ ପରଲୋକରେ ୧୯୮୯ ପିପି ଏକାଡେମୀ ମେଟ୍ରିକ ବ୍ୟାଚ୍‌ର ପୁରାତନ ଶିକ୍ଷାର୍ଥୀମାନଙ୍କ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପ୍ରତିତପାବନ ଏକାଡେମୀରେ ଦୀର୍ଘ ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ସେ ଉନ୍ନତମାନର ଶିକ୍ଷା ପ୍ରଦାନ ଏବଂ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ଛାତ୍ରଛାତ୍ରୀ, ସହକର୍ମୀ, ଶିକ୍ଷାବିତ୍ ଓ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଲକ୍ଷ୍ୟରେ ଦୁଇ ଦିନିଆ ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ

ସମ୍ବଲପୁର,୩୧/୦୭ (ନି.ପ୍ର): ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ଏକ ତାରିଖରେ ପ୍ରତିବର୍ଷ ସମ୍ବଲପୁରୀ ଦିନ୍ ଭାବେ ପାଳିତ ହୋଇଆସୁଛି । ଚଳିତ ବର୍ଷ ସମ୍ବଲପୁରରେ ଦୁଇ ଦିନିଆ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଗୁରୁବାର ଦିନ ଆହୂତ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତାମାନେ ସୂଚନା ଦେଇଛନ୍ତି । ପଶ୍ଚିମାଂଚଲ ଏକତା ମଂଚ ପକ୍ଷରୁ ଆରମ୍ଭ ହୋଇଥିବା ସମ୍ବଲପୁରୀ ଦିନ୍ ପ୍ରତି ଲୋକଙ୍କର ଆହୁରି ଭବ୍ୟ ଏବଂ ଜନାଦୃତ ବୃଦ୍ଧି ହେବାକୁ ବସିଛି। ଚଳିତ ବର୍ଷ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଦୁଇ ଦିନିଆ ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଂଚିଛି । ଚଳିତ ବର୍ଷ ଅଗଷ୍ଟ ଏକ ତାରିଖ ସକାଳ ୮ଟା ବେଳେ ସମ୍ବଲପୁରୀ ଡେରାରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ମାଲ୍ୟାର୍ପଣ କରାଯିବ । ଏହାପରେ ପ୍ରତିବର୍ଷ ଭଳି ସମ୍ବଲପୁରୀ କବିତା ପାଠ କାର୍ଯ୍ୟକ୍ରମ ସମ୍ବଲପୁରୀ ଦିନ୍ ମଞ୍ଚରେ ଅନୁଷ୍ଠିତ ହେବ । ସମ୍ବଲପୁରୀ ଦିନ୍ ପାଇଁ ପ୍ରତିବର୍ଷ ପଶ୍ଚିମାଚଂଳ ଏକତା ମଂଚ ନୂତନ ଲକ୍ଷ୍ୟ ସ୍ଥିର କରୁଥିବା ବେଳେ ଆଗାମୀ ବର୍ଷରେ ସମ୍ବଲପୁରୀ ଦିନ ପାଇଁ ସମ୍ବଲପୁରୀ ଡେରା ସମ୍ବଲପୁରୀ ସଂସ୍କୃତିର ସଂରକ୍ଷଣ, ଗବେଷଣା, ପ୍ରଶିକ୍ଷଣ ଏବଂ ପ୍ରଦର୍ଶନ ପାଇଁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ବିଗତ୧୪ ବର୍ଷ ମଧ୍ୟରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସ୍ମୃତି ରକ୍ଷା ପାଇଁ ପଶ୍ଚିମାଚଂଳ ଏକତା ମଂଚ ପକ୍ଷରୁ କରାଯାଉଥିବା ସମସ୍ତ ପ୍ରୟାସ ପୂର୍ବାବତ୍ ଆଗକୁ ମଧ୍ୟ ଜାରି ରଖିବ ବୋଲି ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତାମାନେ ସୂଚନା ଦେଇଛନ୍ତି । ପଶ୍ଚିମାଂଚଳ ଏକତା ମଂଚର ଭାଷା ସାହିତ୍ୟ ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡା ୫୦ ଜଣ ଆମନ୍ତ୍ରିତ କବିଙ୍କୁ ନେଇ ପୂର୍ବାହ୍ନରେ କବିତାପାଠ କରାଯିବା ନେଇ ସୂଚନା ଦେଇଥିଲେ । ସେହିପରି ଅଗଷ୍ଟ ଏକ ତାରିଖ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଦଳ ଗୁଡ଼ିକ ପକ୍ଷରୁ ୧୦ ଟି ଶୈଳୀରେ ସମ୍ବଲପୁରୀ ଲୋକ ନୃତ୍ୟ ପରିବେଷଣ କରିବା ନେଇ ସାଂସ୍କୃତିକ ସଂଯୋଜକ ଦଶରଥ ମେହେର ସୂଚନା ଦେଇଥିଲେ । ଚଳିତ ବର୍ଷ ପ୍ରତିଷ୍ଠିତ ଗାୟକ ପଙ୍କଜ ଜାଲ, ଇଶ୍ୱରୀ ବେହେରା, ମାନସୀ ପାଣିଗ୍ରାହୀ, ମାନସ ଷଡ଼ଙ୍ଗୀ, ଆକାଶ ପଟ୍ଟନାୟକ, ଡଲି ସାହୁ ପ୍ରମୁଖ ଲୋକ ସଙ୍ଗୀତ ପରିବେଷଣ କରିବେ। ତେବେ ଚଳିତ ବର୍ଷ ଅଗଷ୍ଟ ଏକ ତାରିଖରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମରେ କେବଳ ସମ୍ବଲପୁରୀ ଲୋକନୃତ୍ୟ ଏବଂ ଲୋକ ସଙ୍ଗୀତ ପରିବେଷଣ କରାଯିବା ନେଇ ଗୁରୁ ରଞ୍ଜିତ ସାହୁ ସୂଚନା ଦେଇଛନ୍ତି । ଅଗଷ୍ଟ ଏକ ତାରିଖରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମରେ ଯୋଗଦେବାକୁ ସହମତି ପ୍ରକାଶ କରିଥିବା ନେଇ ସମ୍ବଲପୁରୀ ଦିନର ସଂଯୋଜକ ଡ. ପ୍ରମୋଦ ରଥ ଆଜିର ସମ୍ମିଳନୀରେ ସୂଚନା ଦେଇଛନ୍ତି । ସମ୍ବଲପୁରୀ ଲୋକ-ସଂଗୀତକୁ ଉଚ୍ଚ ସୋପାନରେ ପହଂଚାଇଥିବା ଶଙ୍କର ପ୍ରସାଦ ଦତଙ୍କୁ ଆଗାମୀ ଅଗଷ୍ଟ ଏକ ତାରିଖରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ୍ ରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନିତ କରାଯିବ ବୋଲି ମଂଚର ଆବାହକ ଭବାନୀଶ ଭୋଇ ସୂଚନା ଦେଇଥିଲେ। ଦୁଇ ଦିନ ପର୍ଯ୍ୟନ୍ତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ବିଭିନ୍ନ ରକମର ସମ୍ବଲପୁରୀ ଖାଦ୍ୟ ଏବଂ କପଡାର ଷ୍ଟଲର ବ୍ୟବସ୍ଥା କରାଯାଇଛି । ଜୁଲାଇ ୩୧ ତାରିଖରେ ସମ୍ବଲପୁରୀ ଡେରା ପରିସରରେ ସମ୍ବଲପୁରୀ କପଡା ବଜାରର ଆୟୋଜନ କରାଯିବ । ସେହିପରି ଦ୍ୱିତୀୟ ଦିନ ସକାଳେ ସମ୍ବଲପୁରୀ ଲୋକନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯିବ । ଅପରାହ୍ନରେ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଥିଲେ ।

# ଅସ୍ୱାସ୍ଥ୍ୟ ପରିବେଶରେ ପ୍ରସ୍ତୁତି ସହ ବିକ୍ରି ଚାଲିଛି ଗୁପ୍‌ଚୁପ୍: ପ୍ରଶାସନର ଚଢାଉ ଦାବି

ଜୟପୁର,୩୧/୦୭ (ନି.ପ୍ର): କୋରାପୁଟ ଜିଲାରେ ଅସ୍ୱାସ୍ଥ୍ୟ କର ପରିବେଶରେ ପ୍ରସ୍ତୁତ ଓ ବିକ୍ରିଚାଲିଛି ଗୁପଚୁପ୍ । ବର୍ଷା ଦିନ ଜାରି ରହିଥିବା ବେଳେ ଏହା ଖାଇବା ଦ୍ୱାରା ଝାଡା ବ୍ୟାପିବା ଆଶଙ୍କା ରହିଛି । ତେଣୁ ପ୍ରଶାସନ ଏହି ଗୁପ ଚୁପ ପ୍ରସ୍ତୁତି ଓ ପରିବେଶ ଉପରେ ନଜର ପକାଇବା ଜରୁରୀ ହୋଇ ପଡିଛି । କୋରାପୁଟ ଜିଲାର ଜୟପୁର ସହର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପଡରେ ଚାଲିଛି ଜୋର ସୋରରେ ଗୁପ ଚୁପ ବେପାର । ଛୋଟ ଠାରୁ ବଡ ଯାଏ ଗୁପଚୁପ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ। ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପଚୁପ ପ୍ରତି ଦୁର୍ବଳତା ଥାଏ । ଯେଉଁଥି ପାଇଁ କୋରାପୁଟ ଜିଲା ଜୟପୁର ସହର ତଥା ଏହାର ଆଖପାଖ ଅଂଚଳର ମୁଖ୍ୟରାସ୍ତା କଡର ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲାଗାଡିରେ ଗୁପଚୁପ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ ଗୁପଚୁପର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପଚୁପର ପସରା ପଡୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୁଃଖର କଥା ଏହି ଗୁପଚୁପ ବିକ୍ରୀ ସ୍ଥାନକୁ ଥରେ ଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଜୟପୁର ସହରର କେତେକ ମୁଖ୍ୟରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପଚୁପ ବ୍ୟବସାୟୀ ସ୍ୱଚ୍ଛତା ଭୁଲି ଯାଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗୁପଚୁପ ବିକ୍ରୀ କରୁଥିଲେ ମଧ୍ୟ ଯାଂଚ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପଚୁପ ଖାଇ ବହୁ ବ୍ୟକ୍ତି ନାନା ପ୍ରକାର ପେଟରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ପାଟିକୁ ସୁଆଦ ଲାଗୁଥିବା ଗୁପଚୁପର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଂଚ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି । ଏହା ସତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପଚୁପ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ ତାହା ଖାଉଥିଲା ବେଳେ ଅସାଧୁ ଗୁପଚୁପ ବିକାଳୀ ମାଲେମାଲ ହେଉଥିବା ଚର୍ଚ୍ଚା ହେଉଛି । ଗୁପଚୁପ ଖାଇବା ପାଇଁ ବିଭିନ୍ନ ସ୍କୁଲ କଲେଜ ଠାରୁ ଆରମ୍ଭକରି ରାସ୍ତାକଡରେ ଗ୍ରାହକଙ୍କ ଭିଡ ଜମୁଛି । ଦୈନିକ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଗୁପଚୁପ ବ୍ୟବସାୟ ଜୟପୁର ଅଂଚଳରେ ହେଉଥିବା ଆକଳନ କରାଯାଉଛି । ଓଡିଆ ବ୍ୟବସାୟୀଙ୍କ ଅପେକ୍ଷା ରାଜ୍ୟ ବାହାରର କେତେକ ବ୍ୟବସାୟୀ ଜୟପୁର ରେ ଗୁପଚୁପ ବେପାର କରିଆସୁଥିବା ଦେଖିବାକୁ ମିଳୁଛି । ବିନା ଫୁଡ ଲାଇସେନ୍ସରେ ଗୁପଚୁପ ବ୍ୟବସାୟ କରୁଥିବା ବାହାର ରାଜ୍ୟର ବ୍ୟବସାୟୀମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗାନଯିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ । ବାସ୍ତବିକ ଭାବେ ରାସ୍ତାକଡରେ ବିକ୍ରୀ ହେଉଥିବା ଗୁପଚୁପ ଓ ଖଟାପାଣି ଗୁଡିକ ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀ କି ନାହିଁ ତାହା ଯାଂଚ କରିବା ଜରୁରୀ ହୋଇପଡିଛି।

# ଗଛ ମଣିଷଙ୍କ ସବୁଜ ବିପ୍ଳବ: ୩୧ ଦିନ ଧରି ନିରବଚ୍ଛିନ୍ନ ବୃକ୍ଷରୋପଣ ଓ ମାଗଣା ଚାରା ବଣ୍ଟନ

ବସ୍ତା ,୩୧/୦୭ (ନି.ପ୍ର): ପରିବେଶ ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ ଓ ନିଷ୍ଠା ଥିଲେ ଜଣେ ବ୍ୟକ୍ତି ମଧ୍ୟ ସମାଜରେ ବଡ଼ ପରିବର୍ତ୍ତନର ସୂତ୍ରପାତ କରିପାରନ୍ତି। ଏହାର ଜୀବନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗ୍ରାମ ପଞ୍ଚାୟତର ଥେଙ୍ଗଡିହା ଗ୍ରାମର ବାସିନ୍ଦା,କୁଳଡିହା ସରକାରୀ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ଏବଂ ଭେଲୋରା କ୍ଲଷ୍ଟରର ସି ଆର ସି ସି ଗଣେଶ ଚନ୍ଦ୍ର ଜେନା ।ଜୁଲାଇ ମାସର ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସେ ପ୍ରତ୍ୟେକ ଦିନ ବୃକ୍ଷରୋପଣ କରିବା ସହିତ ମାଗଣାରେ ଚାରା ବଣ୍ଟନ କରି ଏକ ଅଭିନବ ପରିବେଶ ସଚେତ ନତା ଅଭିଯାନ ଚଳାଇଛନ୍ତି। ବିଭିନ୍ନ ବିଦ୍ୟାଳୟ,ମନ୍ଦିର ପ୍ରାଙ୍ଗଣ, ସର୍ବସାଧାରଣ ସ୍ଥାନରେ,ଦୋକାନ ବଜାର



ଏବଂ ଘରେ ଘରେ ପହଞ୍ଚି ସେ ଚାରା ବଣ୍ଟନ କରିବା ସହ ବୃକ୍ଷର ଆବଶ୍ୟକତା ଓ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଉଛନ୍ତି ।ଏହି ଉଦ୍ୟମ କେବଳ ଜୁଲାଇ ମାସରେ ସୀମିତ ନୁହେଁ। ବହୁ ବର୍ଷ ଧରି ସେ ନିରନ୍ତର ଭାବେ ବୃକ୍ଷରୋପଣ, ମାଗଣା ଚାରା ବଣ୍ଟନ ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତାଙ୍କର ଏହି ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ ପାଇଁ ସେ ସ୍ଥାନୀୟ ଅଞ୍ଚଳରେ 'ଗଛ ମଣିଷ' ଓ ବର୍ଣ୍ଣବୋଧ ଭାବେ ପରିଚିତ ହୋଇ ପାରିଛନ୍ତି ।ଶିକ୍ଷକ ଭାବେ ନିଜ କର୍ତ୍ତବ୍ୟ ପାଳନ କରିବା ସହିତ ସେ ସମାଜସେବା କ୍ଷେତ୍ରରେ ମଧ୍ୟ ସକ୍ରିୟ ରହିଛନ୍ତି। 'ବର୍ଣ୍ଣବୋଧ ପାଠଶାଳା' ମାଧ୍ୟମରେ ଆର୍ଥିକ ଦୃଷ୍ଟିରୁ ପଛୁଆ ଶିଶୁମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ କରି ସେ ଶିକ୍ଷାର ଆଲୋକ ବିତରଣ କରୁଛନ୍ତି। ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ତାଙ୍କୁ ବିଭିନ୍ନ ସାମାଜିକ,ଶିକ୍ଷାମୂଳକ ଓ ପରିବେଶ ସଚେତନତା ଭିତ୍ତିକ କବିତା ରଚନା ପାଇଁ ମଧ୍ୟ ପ୍ରେରିତ କରିଛି। ସ୍ଥାନୀୟ ଅଞ୍ଚଳର ଲୋକମାନେ ତାଙ୍କର ଏହି ସେବାକାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରୁଥିବା ବେଳେ ଅନେକ ଯୁବକ ଓ ଛାତ୍ରଛାତ୍ରୀ ତାଙ୍କ ଠାରୁ ପ୍ରେରଣା ପାଇ ବୃକ୍ଷରୋପଣ ଅଭିଯାନରେ ସାମିଲ ହେଉ ଛନ୍ତି। ସବୁଜ ଓ ସୁସ୍ଥ ପରିବେଶ ଗଢ଼ିବା ଦିଗରେ ତାଙ୍କର ଏହି ଅବିରତ ପ୍ରୟାସ ସମାଜ ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ ହୋଇଉଠିଛି ।'ଗୋଟିଏ ଗଛ କୋଟିଏ ଜୀବନ'—ଏହି ବାର୍ତ୍ତାକୁ ପାଥେୟ କରି ଗଣେଶ ଚନ୍ଦ୍ର ଜେନାଙ୍କ ସବୁଜ ଅଭିଯାନ ଆଜି ପରିବେଶ ସୁରକ୍ଷା କ୍ଷେତ୍ରରେ ଏକ ପ୍ରେରଣା ଦାୟକ ଆନ୍ଦୋଳନର ରୂପ ନେଇଛି ।ଏଥି ପାଇଁ ସବୁଆଡୁ ଏବେ ପ୍ରସଂଶା ସୁଅ ଛୁଟୁଛି।

# ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟ ଉପଶାସନସଚିବ ତଥା ଉପ ନିର୍ବାଚନ ଅଧିକାରୀ ସମୀକ୍ଷା କଲେ ଏସଆଇଆର କାର୍ଯ୍ୟ

ଖୋରଧା,୩୧/୦୭ (ନି.ପ୍ର): ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଉପ ଶାସନ ସଚିବ ତଥା ଉପ ନିର୍ବାଚନ ଅଧିକାରୀ ଶ୍ରୀମତୀ ଅନାମିକା ସିଂହ ଆଜି ଖୋରଧା ଜିଲ୍ଲା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜି କରଣ ଅଧିକାରୀ, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଛନ୍ତି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପିଣ୍ଡିକି ବାହୁ ବଳେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ୧୧୧ ଜୟଦେବ ସଂରକ୍ଷିତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ,୧୧୫ ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ଶ୍ରୀ ରମେଶ ଚନ୍ଦ୍ର ଜେନା,୧୧୬ ବେଗୁନିଆ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ,୧୧୭ ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଉପଜିଲ୍ଲାପାଳ, ଖୋରଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,୧୧୮ ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଏବଂ ଖୋରଧା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପାଓ୍ୱାର ପଏଣ୍ଟ ମାଧ୍ୟମରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ବନ୍ଧରେ ଉପସ୍ଥାପନ କରିଥିବା ବେଳେ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଙ୍କୁ ଏସ ଆଇ ଆର କାର୍ଯ୍ୟ ଅଗ୍ରଗତି ସମ୍ବନ୍ଧରେ ଉପ ଶାସନ ସଚିବ ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ , ସାଧାରଣ ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏସ ଆଇ ଆର କାର୍ଯ୍ୟକ୍ରମର ଜିଲ୍ଲାୱାରି ତଥ୍ୟ ଉପ ଶାସନ ସଚିବ ଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲାରେ ଅତିରିକ୍ତ ଭୋଟର ପଞ୍ଜିକରଣ ଅଧିକାରୀ ଯଥା ବି ଡି ଓ , ତହସିଲଦାର ଏବଂ ପୌର /ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମାନଙ୍କୁ ନେଇ ୩୫ ଜଣଙ୍କ ସହ ଅଭାସିରେ ଉପ ଶାସନ ସଚିବ ଶ୍ରୀମତୀ ସିଂହ ସମୀକ୍ଷା କରିଥିଲେ । ଭୋଟ କେନ୍ଦ୍ର ଗୁଡ଼ିକୁ ଯୁକ୍ତିଯୁକ୍ତ ତଥା ସଙ୍ଗତ କଲାପରେ ୧୫୭୯ ବୁଥ ସ୍ତରୀୟ ଅଧିକାରୀ ନିଯୁକ୍ତି କରାଯାଇଛି । ସେହିପରି ଭାରତୀୟ ଜନତା ପାର୍ଟି ତରଫରୁ ୧୨୩୮, ବିଜୁ ଜନତା ଦଳ ପକ୍ଷରୁ ୧୩୪୦, ଏବଂ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିର ୬୦୫ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ନେଇ ମୋଟ ୩୦୮୩ ବି ଏଲ ଏ ନିଯୁକ୍ତି ସମ୍ବନ୍ଧରେ ଉପ ଶାସନ ସଚିବ ଅବଗତ ହୋଇଥିଲେ । ସେହିପରି ମ୍ୟାପିଂସ୍ଥିତି, ଭୋଟର ଚିହ୍ନଟ ଫର୍ମ ବଣ୍ଟନ, ଡିଜିଟାଇଜେସନ, ଲିଙ୍ଗ ଭେଦରେ ଜନସଂଖ୍ୟା (ପ୍ରାରମ୍ଭିକ ଭୋଟର ତାଲିକା ଚିଠା ପ୍ରସ୍ତୁତ ପରେ), ଭୋଟର ତାଲିକା ରେ ଅନିୟମିତତା, ଆପତ୍ତି ଅଭିଯୋଗ ଶୁଣାଣୀ, ପ୍ରକୃତ ଭୋଟର, ମୃତ ଭୋଟରେ ମାନଙ୍କୁ ତାଲିକାରୁ ବାଦ ଦେବା, ଅବୈଧାନିକ ଭୋଟରଙ୍କୁ ବାଦ ଦେବା ଆଦି ବିଷୟରେ ସମୀକ୍ଷା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ସ୍ୱିଟି ସୋରେନ, ଡେପୁଟି କଲେକ୍ଟର ସଂଗ୍ରାମ ଜେନା, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ଏବଂ ବି ଡି ଓ ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା କାବେରୀ ମୁଦୁଲି, ତହସିଲଦାର ଏବଂ ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ବିଭାଷ ପାଣିଗ୍ରାହୀ,ଜିଲ୍ଲା ନିର୍ବାଚନ ବିଭାଗ ସମସ୍ତ କର୍ମଚାରୀ ଯୋଗଦେଇଥିଲେ ।

# ନିଖିଳ ଓଡ଼ିଶା ପୂର୍ତ୍ତ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘ

## ଜୟପୁର ପୂର୍ତ୍ତ ମଣ୍ଡଳ ଦରମା ସମସ୍ୟା ନେଇ ଅଭିଯୋଗ

ଜୟପୁର, ୩୦ ଜୁଲାଇ (ହି.ସ.)- ନିଖିଳ ଓଡ଼ିଶା ପୂର୍ତ୍ତ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘର ଜୟପୁର ଡିଭିଜନ ର ୧୨ ଜଣ ଅସ୍ଥାୟୀ କର୍ମଚାରୀଙ୍କ ଦରମା ସମସ୍ୟା ନେଇ ଅଭିଯୋଗ ହୋଇଛି କ୍ଷ ୧୨.୦୪.୧୯୯୩ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରି ଆସୁଅଛୁ, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ୦୬.୦୮.୨୦୨୫ ଅଭିଯୋଗ କ୍ରମାଙ୍କ ୪୯୭ ରେ ଚାକିରିର ସ୍ଥାୟୀ ନିମନ୍ତେ ଅର୍ଥ ବିଭାଗର ପତ୍ର ନଂ ୨୭୪୫୪ ତା. ୨୩.୦୯.୨୦୨୫ ରିଖ ଓ ପୂର୍ତ୍ତ ବିଭାଗର ପତ୍ର ନଂ ୨୩୩୨୯ ତା ୨୯.୧୧.୨୦୨୫ ରିଗରେ ନାମ ଜୟପୁର ପୂର୍ତ୍ତ ବିଭାଗରୁ ପତ୍ର ନଂ ୫୧୯୦ ତା. ୩୧.୧୨.୨୦୨୫ ରିଖରେ ଯନ୍ତ୍ରୀ ମୁଖ୍ୟ, ଭୁବନେଶ୍ୱରଙ୍କୁ ପ୍ରେରଣ କରାଯାଇଛି ଏବଂ ଏହା ବିଚାରଧୀନ ଥିବା ସମୟରେ ଗତ କିଛି ମାସ ତଳୁ ବିନା ପ୍ରମାଣରେ ପ୍ରଦାନ କରାଯାଇଥିବା ବରମା ଆଉ ପ୍ରଦାନ କରାଯାଉନାହିଁ । ଏଥି ଲାଗି ମୌଖିକ ଓ ଲିଖିତ ଭାବରେ ବାରମ୍ବାର ଜୟପୁର ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ସମସ୍ତେ ନୈରାଶ୍ୟଜନକ ଉତର ପ୍ରଦାନ କରୁଛନ୍ତି ଏବଂ ଉପର ଅଧିକାରୀଙ୍କ ଉପରେ ଦାୟିତ୍ୱ ଛାଡୁଛନ୍ତି, ଯାହାଦ୍ୱାରା ଆମ୍ଭେ ପିଲାଛୁଆଙ୍କୁ ଧରି ଚଳିବା ବହୁତ କଷ୍ଟ ହେଉଅଛି । ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତ ବିଭାଗର ଉଚ୍ଚପଦସ୍ଥ କର୍ମଚାରୀଙ୍କ ନିକଟରେ ଏହି ଦାବି ପହଂଚାଇ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସଂଘ ସଭାପତି ସତୀଶ ଚନ୍ଦ୍ର ନାୟକ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବେହେରା ସୂଚନା ଦେଇଛନ୍ତି ।

**AFFIDAVIT**

By virtue of an affidavit before the executive Magistrate Basudevpur, I Kalandi Behera son of Bharat Behera, Permanent resident of Vill- Joragadia, P.o/P.s- Naikanidihi, Dist- Bhadrak,Pin-756164, state-Odisha declare that, I wholly renounce, relinquish and abandon the use of my former name of Kalakar Behera and in place thereof assume from the date hereof the name of Kalandi Behera. I will be known as Kalandi Behera for all purposes.

**Kalandi Behera**

# ପାରାଦୀପ ବନ୍ଦର ପକ୍ଷରୁ ଶ୍ରମ ଆଇନ୍ ସମ୍ପର୍କିତ କର୍ମଶାଳା



ପାରାଦୀପ, ୩୧/୭ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନୂତନ ଭାବେ ପ୍ରଚଳିତ ଚାରି ଗୋଟି ଶ୍ରମ ଆଇନ୍ ସମ୍ପର୍କରେ ଏକ କର୍ମଶାଳା ପାରାଦୀପ ବନ୍ଦର ପ୍ରଶାସନିକ ଭବନ ନୂତନ ବୋର୍ଡ ରୁମ୍ ପରିସରରେ ଆଜି ଆୟୋଜିତ ହୋଇଥିଲା । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଡେପୁଟି ଚିଫ୍ ଲେବର କମିଶନର, ଭୁବନେଶ୍ୱର ଚିରଂଜୀବ ସାଇକିଆ ଯୋଗ ଦେଇଥିବା ବେଳେ ଅଂଚଳିକ ଶ୍ରମ ଅଧିକାରୀ(କେନ୍ଦ୍ରୀୟ), ଭୁବେଶ୍ୱର ଜୟନ୍ତ ପ୍ରସାଦ ବେହେରା ଯୋଗ ଦେଇଥିଲେ । ଏକି କର୍ମଶାଳାରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନଦା ଯୋଗ ଦେଇ ଦାୟିତ୍ୱବୋଧ, ବିଶ୍ୱାସ, ଦଳଗତ କାର୍ଯ୍ୟ ସମେତ ଶ୍ରମିକମାନଙ୍କ କଲ୍ୟାଣକାରୀ କାର୍ଯ୍ୟ ଯାହାକି ସ୍ଥାୟୀ ଓ ଚୁକ୍ତିଭିତିକ କର୍ମଚାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ । ଭାରତ ସରକାରଙ୍କ ନୂତନ ଚାରି ଗୋଟି ଶ୍ରମ ଆଇନ୍ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପାରାଦୀପ ବନ୍ଦର କର୍ମଚାରୀଙ୍କ ସମେତ ଚୁକ୍ତିଭିତିକ କର୍ମଚାରୀମାନଙ୍କ ନିମନ୍ତେ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ହରନାଦ ବକ୍ତବ୍ୟରେ ସୂଚନା ଦେଇଥିଲେ । କର୍ମଶାଳାର ମୁଖ୍ୟଅତିଥି ପାରାଦୀପ ବନ୍ଦରରେ ଶ୍ରମ ଆଇନ୍ ତଥା ଶ୍ରମିକ, କର୍ମଚାରୀମାନଙ୍କ ନିମନ୍ତେ ନିଆଯାଉଥିବା ପଦକ୍ଷେପଗୁଡିକର ଉଚ୍ଚ ପ୍ରଶଂସା କରିଥିଲେ । ପାରାଦୀପ ବନ୍ଦର ସଚୀବ କ୍ରୀଷ୍ଣା ବାପି ରାଜୁ ଜି. ସଚେତନତା, ମିଳିତ ସହଯୋଗରେ ନୂତନ ଶ୍ରମ ଆଇନ୍ ପ୍ରଣୟନରେ ସଫଳତା ହାସଲ କରି ହେବ ବୋଲି କହିଥିଲେ । ଏହି କର୍ମଶାଳାରେ ବନ୍ଦର ଅଧିକାରୀ, କର୍ମଚାରୀ, ଠିକାଦାର, ଶ୍ରମିକ ସଙ୍ଗଠନର ପ୍ରତିନିଧିମାନେ ଯୋଗ ଦେଇ ଶ୍ରମ ପରିସରକୁ ବନ୍ଧୁତ୍ୱପୁର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ କହିଥିଲେ ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା

## ୨୩ ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା, ୦୯ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ଓ ୦୨ଜଣ ଏନପିଏସ ଶିକ୍ଷକ



ବାରିପଦା , ୩୧/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠିଙ୍କ ସଭାପତିତ୍ୱରେ ଫେବୃଆରୀ ମାସରେ ଅବସର ଗ୍ରହଣ କରିଥିବା ୨୩ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଥିବା ସମସ୍ତ ସରକାରୀ, ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଏହି କର୍ମଚାରୀମାନେ ଅବସର ଗ୍ରହଣ କରିଛନ୍ତି ଓ ଜିଲ୍ଲାସ୍ତରୀୟ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓ ଏଥିରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ସେକ୍ସନ ଅଫିସର ସୁଦୀପ୍ତ କୁମାର ମୌଳିକ୍,ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ ପିନାକୀ ବେରା,କନିଷ୍ଠ ସହାୟକ କ୍ଷେତ୍ର ମୋହନ ବେହେରା ପ୍ରମୁଖଙ୍କ ଉପସ୍ଥିତରେ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସେଠୀ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେଓଏଥିରେ ୦୯ଜଣଙ୍କୁ ପୂର୍ଣ୍ଣାଙ୍ଗ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲଓ ଓଏଥିରେ ସାନଖଲାଡ଼ି ସଂସ୍କୃତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକଶ୍ୱର ପଣ୍ଡା, ସରକାରୀ ଯୁଜି ଉଚ୍ଚ ବିଦ୍ୟାଳୟ ଝୁମୁକାକୁଦର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, ଏସ.ଏମ ସରକାରୀ ଉଚ୍ଚ ବିଦ୍ୟାଳୟ ଆମ୍ବଯୋଡ଼ାର ପ୍ରଧାନ ଶିକ୍ଷକ ଅରୁଣ କୁମାର ଶତପଥୀ, ଜୀବନଦ୍ୱୀପ ଉଚ୍ଚ ବିଦ୍ୟାଳୟ ଗାଲୁସାହିର ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାନ୍ତ,ସରକାରୀ ଉଚ୍ଚ ବିଦ୍ୟାଳୟ ଚିତ୍ରଡ଼ାର ପ୍ରଧାନ ଶିକ୍ଷକ ମିନାକ୍ଷୀ ନନ୍ଦୀ,ନୃସିଂହ ଚରଣ ମହାନ୍ତି, ହରି ନାରାୟଣ ଦାସ, ଜୟନ୍ତ କୁମାର ମହାନ୍ତ, ବିନୋଦ ପାଣ୍ଡେ, ବିଜୟ କୁମାର ଦାସ, ଅଶୋକ କୁମାର ପାଲ, ସୂର୍ଯ୍ୟମଣୀ ବେହେରା, ସଂଜିତ କୁମାର ଜେନା, ନନ୍ଦ କିଶୋର ବର୍ଦ୍ଧା, ସୋମନାଥ ସିଂହ, ପ୍ରଭାକର ବେହେରା, ସୋମନାଥ ବେହେରା, ମହେଶ୍ୱର ପୃଷ୍ଟି, ପ୍ରଦୀପ କୁମାର ନାୟକ, ଭଗବାନ ତୁଙ୍ଗ, ଶ୍ରୀପର୍ଣ୍ଣା ସାହୁ,ପଙ୍କଜିନୀ ମହାନ୍ତ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## କୁମ୍ଭାରୀ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

ବାଲିଆପାଳ , ୩୧/୭ (ନି.ପ୍ର): ବାଲିଆପାଳ ବ୍ଲକର ଅଗ୍ରଣୀ କୁମ୍ଭାରୀ ସ୍ଥିତ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଅଧାପକ ରମେଶ ଚନ୍ଦ୍ର ସେଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ଅଧକ୍ଷ ମନୋରଞ୍ଜନ ପଣ୍ଡାଙ୍କ ଠାରୁ ଶ୍ରୀ ସେଠୀ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ଆୟୋଜିତ ଉତ୍ସବରେ ନୂତନ ଅଧକ୍ଷରମେଶ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ କ୍ଷମହାବିଦ୍ୟାଳୟର ଅଧାପକ କାଶୀନାଥ ଗିରି, ଶ୍ରୀଧର ମହାଳିକ, ଦିଲ୍ଲୀପ ଭଦ୍ର, ଅଧାପିକା ସବିତା ରାଣୀ ମହାପାତ୍ର ଏବଂ କର୍ମଚାରୀ କଳ୍ପନା ପାତ୍ର, ବିନୋଦ କୁମାର ସାହୁ, ପ୍ରଦୀପ ଦାସ ପ୍ରମୁଖ ନୂତନ ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ କ୍ଷମୁଖ୍ୟ କିରାଣୀ ବିକାଶ ମହାପାତ୍ର ଶେଷରେ ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱର ଜିଲ୍ଲା ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୀଳଗିରି ଡାକ୍ତରଖାନା ସମ୍ମୁଖରେ ପ୍ରତିବାଦ ସଭା




ନୀଳଗିରି, ୩୧/୭ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ସମସ୍ୟାର ସମାଧାନ ସହିତ ବାଲେଶ୍ୱର ଏମସ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମକରିବା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଏହି ଅବସରରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ଏସଡିଏମଓଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଗୋପାଳଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନୀଳଗିରି ଡାକ୍ତରଖାନାରେ ୪୯ଟି ଡାକ୍ତର ପଦବୀ ଥିବାସ୍ଥାନରେ ୧୪ଜଣ ଡ଼ାକ୍ତର କାର୍ଯ୍ୟକରୁଅଛନ୍ତି। ସେଇଭଳି ନର୍ସିଂ ସିଷ୍ଟର, ଏଲ ଟି, ଫାର୍ମାସିଷ୍ଟ କମ୍ ଅଛନ୍ତି। ବହୁ ଡାକ୍ତର ଡେପୁଟେସନରେ ଯାଇଛନ୍ତି। ସେମାନଙ୍କୁ ଯାଥାଶୀଘ୍ର ନୀଳଗିରି ଫେରାଇ ଆଣିବା ସହିତ ନୀଳଗିରି ଡାକ୍ତରଖାନାରେ ରୋଗୀଶଯ୍ୟା ସଂଖ୍ୟା ବଢାଇବା ଦରକାର ବୋଲି ଦାବି କରାଯାଇଛି। ବର୍ତ୍ତମାନ ନୀଳଗିରି ହସ୍ପିଟାଲରେ ଶଯ୍ୟା ସଂଖ୍ୟା ୭୦ ଅଛି, ଏହାକୁ ୧୪୦ କୁ ବୃଦ୍ଧି କରିବା ଦରକାର। ଏତଦ୍ ବ୍ୟତୀତ ଏମସ ସାଟେଲାଇଟ ସେଣ୍ଟରକୁ ବହୁ ଆଶାନେଇ ଦୂର ଦୂରାନ୍ତରୁ ରୋଗୀମାନେ ଆସୁଥିଲେ। ଯାହା ବର୍ତ୍ତମାନ ଦିବାସ୍ୱପ୍ନ ହୋଇ ଯାଇଛି।ପ୍ରତିବାଦ ସଭାରେ କ୍ରିୟାନୁଷ୍ଠାନ କମିଟିର ନୀଳଗିରି ସମ୍ପାଦକ ବିଜୟ କୁମାର ପାତ୍ର ଡବଲ ଇଞ୍ଜିନି ସରକାରର ବିଫଳତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଲିନ୍ ମିଶ୍ର, ଯୋଗନନ୍ଦ ଦାଶ, ଅନିରୁଦ୍ଧ ବେହେରା ଦାବୀପୂରଣ ନହେଲେ ଆଗାମୀଦିନରେ ନୀଳଗିରିରେ ଆନ୍ଦୋଳନ ତୀବ୍ର ହେବବୋଲି ପ୍ରକାଶ କରିଥିଲେ। ଆସନ୍ତା ଅଗଷ୍ଟ ୧ତାରିଖରେ ବାଲେଶ୍ୱର ଏମସ ସାଟେଲାଇଟ୍ ସେଣ୍ଟର ଆଗରେ ଗଣଧାରଣାରେ ଶହଶହ ସଂଖ୍ୟାରେ ଯୋଗଦେବା ପାଇଁ ନେତୃତ୍ୱମାନେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଉକ୍ତ ସଭାରେ କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ଗିରିଧାରୀ ପ୍ରଧାନ, ତପସ୍ୱିନୀ ପଣ୍ଡା, ପ୍ରଦୀପ ମିଶ୍ର, ଶିବ ପ୍ରସାଦ ବେହେରାଙ୍କ ସମେତ ସଂଘର ବହୁ ସାଥୀ ଉପସ୍ଥିତ ଥିଲେ। ଶେଷରେ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ସରୋଜିନୀ ପ୍ରଧାନ ଦାବୀପତ୍ର ଗ୍ରହଣ କରିଥିଲେ। ଦାବୀପତ୍ର ଗ୍ରହଣ ସମୟରେ ଡକ୍ଟର ରାମକୃଷ୍ଣ ସାହୁ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପିଜି ପ୍ରଶ୍ନପତ୍ର ବିବାଦ: ଲିକ୍ ନୁହେଁ ମାଲପ୍ରାକ୍ଟିସ୍ ...

ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପ୍ରଶ୍ନ ବାହାରକୁ ଆସିଥିଲେ ତାହାକୁ 'ଲିକ୍' କୁହାଯାଇଥାନ୍ତା, ମାତ୍ର ୧୦ଟାରେ ପରୀକ୍ଷା ଆରମ୍ଭ ହେବା ପରେ ମୋବାଇଲ୍ ଜରିଆରେ ପ୍ରଶ୍ନପତ୍ର ଭାଇରାଲ ହୋଇଛି। ଏଥିପାଇଁ ବିଶ୍ୱବିଦ୍ୟାଳୟ ଡିନ୍ ?ଙ୍କୁ ରିପୋର୍ଟ ମଗାଯାଇଛି ଓ କର୍ତ୍ତୃପକ୍ଷଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ପରୀକ୍ଷା ପୁଣିଥରେ ହେବ ନା ନାହିଁ, ତାହା ବିଶ୍ୱବିଦ୍ୟାଳୟର 'ପରୀକ୍ଷା କମିଟି' ନିଷ୍ପତ୍ତି ନେବ। ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବା ପାଇଁ ଏଣିକି କେବଳ ଛାତ୍ରଛାତ୍ରୀ ନୁହନ୍ତି, ବରଂ ପରୀକ୍ଷା ନିୟନ୍ତ୍ରକ (ସେଣ୍ଟର ସୁପରିଟେଣ୍ଡେଣ୍ଟଓ ଇନଭିଜିଲେଟର) ଙ୍କ ପାଇଁ ମଧ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେବା ସମ୍ପୂର୍ଣ୍ଣ ବାରଣ କରାଯାଇଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ଗମ୍ଭୀରତାର ସହ ନିଆଯାଇ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ, ସେଣ୍ଟର ସୁପରିଟେଣ୍ଡେଣ୍ଟ ଓ ଉଚ୍ଚସ୍ତରୀୟ ତଦନ୍ତ କମିଟି ପକ୍ଷରୁ ତୁରନ୍ତ ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଛି । ସିସିଟିଭି ଫୁଟେଜ୍ ଓ କମିଟିର ରିପୋର୍ଟ ଆଧାରରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରାୟ ୩୮ ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଶିକ୍ଷାଗତ ସ୍ୱଚ୍ଛତାକୁ ଅକ୍ଷୁଣ୍ଣ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସାହୁ କହିଛନ୍ତି।କଂଗ୍ରେସ ଏହି ପ୍ରସଙ୍ଗକୁ ଦିଲ୍ଲୀ ଦରବାରରେ ଉଠାଇଛି। କଂଗ୍ରେସର ଜାତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୟରାମ ରମେଶ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ,ଗତ ଜୁଲାଇ ୨୭ ତାରିଖରେ ମେଡିକାଲ ପିଜି ପରୀକ୍ଷା ଚାଲିଥିବା ସମୟରେ ହ୍ୱାଟ୍ସଆପରେ ପ୍ରଶ୍ନପତ୍ରର ଫଟୋ ଭାଇରାଲ ହୋଇଥିବା ଅଭିଯୋଗ ଆସିଥିଲା।

### ଅଗଷ୍ଟ ୩ରୁ ତିନି ଦିନିଆ....

ଜୋରଦାର କରାଯିବ ଏବଂ ସମସ୍ତ ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷାକର୍ମୀ ନିୟୋଜିତ ରହିବେ। ପ୍ଲାଟଫର୍ମ ଡ୍ୟୁଟିରେ ରହିବାକୁ ଥିବା ରେଳବାଇ କର୍ମଚାରୀଙ୍କୁ ପୂର୍ବରୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ଡ୍ୟୁଟି ପାସ୍ ପ୍ରଦାନ କରାଯାଉଛି । ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ପୋଲିସ କମିଶନର (ଭୁବନେଶ୍ୱର-କଟକ) ଡଃ ଦେବଦତ୍ତ ସିଂ, ପୂର୍ବତଟ ରେଳବାଇର ପ୍ରିନ୍ସିପାଲ ଚିଫ୍ ସିକ୍ୟୁରିଟି କମିଶନର ଆଲୋକ ଭୋରା, ଆଇଜିପି (କେନ୍ଦ୍ରାଞ୍ଚଳ) ସତ୍ୟଜିତ୍ ନାଏକ ଏବଂ ଏସପି (କ୍ରାଇମବ୍ରାଞ୍ଚ) ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

### କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗାଭତ୍ତା ୩% ...

ସେଥିପାଇଁ କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କୁ ୬୦ ପ୍ରତିଶତ ମହଙ୍ଗାଭତ୍ତା ମିଳୁଛି। ଯଦି ଜୁଲାଇ ପାଇଁ ୩ ପ୍ରତିଶତ ମହଙ୍ଗାଭତ୍ତା ବୃଦ୍ଧି ଘୋଷଣା କରାଯାଏ ତାହେଲେ ଏହା ୬୩ ପ୍ରତିଶତରେ ପହଞ୍ଚିବ। ତେଣୁ ଅଷ୍ଟମ ବେତନ କମିସନର ସୁପାରିସ ଆସି କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ସରକାରୀ କର୍ମଚାରୀମାନେ ୬୩ ପ୍ରତିଶତ ମହଙ୍ଗାଭତ୍ତା ପାଇବେ ବୋଲି ଆଶା କରାଯାଉଛି।

### ପ୍ରଧାନମନ୍ତ୍ରୀଙ୍କୁ ସନ୍ଦେହ କରିବାର...

ଯଦି ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ଉପରେ ବିଶ୍ୱାସ କରାଯିବ ନାହିଁ, ତା'ହେଲେ ମନ୍ତ୍ରିମଣ୍ଡଳ ଗଠନ ସମୟରେ ମଧ ସେ କୌଣସି ପୂର୍ବତନ ବିଚାରପତି କିମ୍ବା ବାହାର ଲୋକଙ୍କ ସହ ପରାମର୍ଶ ନେବେ ବୋଲି ପ୍ରାବଧାନ କାହିଁକି ନ ରହିବ ?" ଜଷ୍ଟିସ ଦୀପଙ୍କର ଦତ୍ତ ଓ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ନିକଟରେ କେନ୍ଦ୍ର ଏପରି ଜବାବ ରଖିଛି। ଏହା ଶୁଣାଣିବା ପରେ ୨୦୨୩ ନିଯୁକ୍ତି ପ୍ରକ୍ରିୟାର ସାମ୍ବିଧାନିକ ବୈଧତାକୁ ନେଇ ହୋଇଥିବା ଆବେଦନଗୁଡ଼ିକ ଉପରେ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଛନ୍ତି। ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ଦେଉଥିବା ୩ ଜଣିଆ କମିଟିରେ ଦେଶର ପ୍ରଧାନ ବିଚାରପତି ରହୁଥିଲେ। ହେଲେ ୨୦୨୩ରେ କେନ୍ଦ୍ର ସରକାର ଗୋଟିଏ ଆଇନ ବଳରେ ୩ ଜଣିଆ କମିଟିରୁ ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇଥିଲେ। ପ୍ରଧାନ ବିଚାରପତିଙ୍କ ବଦଳରେ କମିଟିରେ କେନ୍ଦ୍ର କ୍ୟାବିନେଟ ଜଣେ ସଦସ୍ୟଙ୍କୁ ସାମିଲ କରିବାର ପ୍ରାବଧାନ ଯୋଡ଼ା ଯାଇଛି। କେନ୍ଦ୍ର ମନ୍ତ୍ରୀଙ୍କ ଯୋଗୁ ନିଯୁକ୍ତି କମିଟିରେ ସରକାରଙ୍କର ଦୁଇ-ତୃତୀୟାଂଶ ପ୍ରଭାବ ରହୁଥିବା ଅଭିଯୋଗ ହୋଇଛି। ଏହାର ଶୁଣାଣି ବେଳେ ପୂରା ମାମଲାକୁ ସାମ୍ବିଧାନିକ ପୀଠଙ୍କ ନିକଟକୁ ପଠାଇବା ପାଇଁ କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ ଅନୁରୋଧ କରିଛନ୍ତି। କେନ୍ଦ୍ରର କହିବା କଥା ଯେ ଏହି ମାମଲା ସହ ସମ୍ବିଧାନର ଅନୁଚ୍ଛେଦ ୩୨୪ ଓ ସଂସଦର ଆଇନ ପ୍ରଣୟନ କ୍ଷମତା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ବିଷୟ ରହିଛି।

### ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ...

ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଏକ 'ନକ୍ସଲମୁକ୍ତ ରାଜ୍ୟ' ଭାବେ ମାନ୍ୟତା ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଦେଇଥିଲେ। ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ କହିଥିଲେ । ନକ୍ସଲ ମୁକ୍ତ ଅଂଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନା' ମାଧମରେ ସେହି ଅଂଚଳ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି। ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଦୁଇ ବର୍ଷ ମଧରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ। ସେହିପରି ସମବାୟ କ୍ଷେତ୍ରରେ ମଧ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି।

### ବିଜେପିରୁ ଇସ୍ତଫା ...

ବୋଲି କହି ତୀବ୍ର ସମାଲୋଚନା କରିଥିଲେ। ବିଜେପିରେ ସାମିଲ ହେବା ପରେ ପୁନାୱାଲାଙ୍କୁ ବଡ଼ ଦାୟିତ୍ୱ ମିଳିଥିଲା। ଦଳର ରାଷ୍ଟ୍ରୀୟ ପ୍ରବକ୍ତା ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପୁନାୱାଲା ତାଙ୍କ ବାୟୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେ ନିଜକୁ ମୋଦୀଙ୍କ ଆଜୀବନ ଅନୁଗାମୀ ବୋଲି ଦର୍ଶାଇଛନ୍ତି। ପୁନାୱାଲା ଏକ ପଡକାଷ୍ଟର କିଛି ଅଂଶ ନିଜ 'ଏକ୍ସ' ଆକାଉଣ୍ଟରେ ଦେଇଛନ୍ତି। ଯେଉଁଥିରେ ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ସେ ରାଜନୀତି ଛାଡ଼ିବାକୁ ଚାହୁଁଥିବା କହିଥିବାର ଶୁଣିବାକୁ ମିଳିଛି।

# ଦୁଇଟି ହାଇସ୍କୁଲ ଦୁଇ ଖେଳ ଶିକ୍ଷକଙ୍କ ଦାୟିତ୍ୱରେ : କେମିତି ପାଠ ପଢିବେ ଛାତ୍ରଛାତ୍ରୀ ?




ବୈଶିଙ୍ଗା , ୩୧/୭ (ନି.ପ୍ର): ଶିକ୍ଷା ବ୍ୟବସ୍ଥା ପ୍ରତି କେତେ ସଚେତନ ଅଛନ୍ତି ଆମ ସରକାର ଓ ଆମ ଲୋକ ପ୍ରତିନିଧି ତାହା ଦୁଇଟି ହାଇସ୍କୁଲ ରୁ ଅନୁମାନ କରା ଯାଇପାରିବ । ଆମ ବେତନଟୀ ବ୍ଲକରେ ୧୭ ଟି ସରକାରୀ ହାଇସ୍କୁଲ, ଗୋଟିଏ ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲ,୧୭ ଟି ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ , ଗୋଟାଏ ସଂସ୍କୃତ ଟୋଲ୍ ଓ ଗୋଟିଏ ଅଣ ଅନୁଦାନ ପ୍ରାପ୍ତ ହାଇସ୍କୁଲ ଅଛି। ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ଗୁଡିକରେ ସରକାରଙ୍କ ଦ୍ୱାରା କୌଣସି ନିଯୁକ୍ତି ବ୍ୟବସ୍ଥା ନଥିବାରୁ ସେହି ବିଦ୍ୟାଳୟ ଗୁଡିକରେ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ଏହି ବ୍ଲକ୍ ଅନ୍ତର୍ଗତ ଏସ ଏସ ନହଣ୍ଡାସୋଲ ଗ୍ରାମ ପଞ୍ଚାୟତରେ ଥିବା ଗ୍ରାମ ପଞ୍ଚାୟତ ହାଇସ୍କୁଲ ଧନପୁରରେ ଅଗଷ୍ଟ ୧ ତାରିଖ ଠାରୁ ଜଣେ ମାତ୍ର ଶିକ୍ଷକ ବିଜୟ କୁମାର ମହାନ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରୁଛନ୍ତି। ସେ ଜଣେ ଖେଳ ଶିକ୍ଷକ ଅଟନ୍ତି। ଏହି ବିଦ୍ୟାଳୟରେ ନବମ ରେ ୮୦ ଜଣ ଓ ଦଶମ ରେ ୬୯ ଜଣ ଛାତ୍ର ଛାତ୍ରୀ ପଢୁଥିବା ଜଣା ପଡିଛି। ସେହିପରି ବେତନଟୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହୀରାଲାଲ ହାଇସ୍କୁଲ ଆମ୍ବଯୋଡା ରେ ଏହି ମାସ ଠାରୁ ଜଣେ ମାତ୍ର ଶିକ୍ଷକ ପ୍ରଦୀପ କୁମାର ମହାନ୍ତ ଦାୟିତ୍ୱ ନେଉ ଥିବାରୁ ତାଙ୍କ ଦାୟିତ୍ୱ ରେ ବିଦ୍ୟାଳୟ ଚାଲିବ। ସେ ମଧ୍ୟ ଜଣେ ଖେଳ ଶିକ୍ଷକ ଅଟନ୍ତି। ଏହି ବିଦ୍ୟାଳୟରେ ଅଷ୍ଟମ ରେ ୧୧ ଜଣ, ନବମ ରେ ୪୨ ଜଣ ଓ ଦଶମ ରେ ୩୨ ଜଣ ଛାତ୍ର ଛାତ୍ରୀ ପଢୁଥିବା ଜଣା ପଡ଼ିଛି। ଏହିପରି ଅଧିକାଂଶ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମାତ୍ର ଜଣେ ଦୁଇଜଣ ଶିକ୍ଷକ ରେ ବିଦ୍ୟାଳୟ ଚାଲୁଥିବା ଜଣାପଡ଼ିଛି। ଯଦି ସରକାର ଏହି ବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତି ବ୍ୟବସ୍ଥା ନକରନ୍ତି ସରକାରଙ୍କ ନୀତି ନିୟମ ଅନୁସାରେ ତଥା ଗ୍ରାମୀଣ ଅଞ୍ଚଳରେ ଶିକ୍ଷା ର ବିକାଶ ପାଇଁ ଖୋଲି ଥିବା ବିଦ୍ୟାଳୟ ଗୁଡ଼ିକ ବନ୍ଦ ହେବା ସ୍ୱଭାବିକ।ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଏହି ବିଦ୍ୟାଳୟ ଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭାପତି ଶିଶିର କୁମାର ନାୟକ ଓ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶୀଘ୍ର ଶିକ୍ଷକ ନିଯୁକ୍ତି ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ନୀଳମଣି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସେଲ ତରଫରୁ ଆତ୍ମକୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତଥା ଆଲୋଚନା ଚକ୍ର ଉଦ୍ଯାପିତ




ରୂପ୍ସା, ୩୧/୭ (ନି.ପ୍ର): ନୀଳମଣି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସେଲ ତରଫରୁ ତରଫରୁ ଗତ ତା. ୨୦.୦୭.୨୦୨୬,ରେ ଏକ ଛଅ ଦିନିଆ ଆତ୍ମକୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି. ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ତପନ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ତଥା ଶକ୍ତିଶ୍ରୀ ସେଲର ଉପଦେଷ୍ଟା ଶ୍ରୀମତୀ କଳ୍ପନା ମଞ୍ଜରୀ ପାତ୍ର, ଶକ୍ତିଶ୍ରୀ ସଂଯାଜିକା ଡ଼ଃ ସୁଜାତାରାଣୀ ଗିରି ଅଧାପିକା ଦେବସ୍ମିତା ଭୂୟାଁ, ଅଧାପକ ପ୍ରଶାନ୍ତ ସିଂ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମକୌଶଳ ପ୍ରଶିକ୍ଷଣର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ତା. ୨୫.୦୭.୨୦୨୬ରେ 'ନାରୀ ସୁରକ୍ଷା ଓ ସଶକ୍ତିକରଣ 'ଉପରେ ରେ ଏକ ଆଲୋଚନା ଚକ୍ର ମଧ ମହାବିଦ୍ୟାଳୟର ଅଧକ୍ଷ ଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସେଲର ସଂଯୋଜିକା ଡ଼ଃ ସୁଜାତାରାଣୀ ଗିରି ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସାମ୍ପ୍ରତିକ ସମାଜରେ ନାରୀ ସଶକ୍ତିକରଣ ଏବଂ 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା 'ଇତ୍ୟାଦି ଅନେକ ମୂଲ୍ୟବାନ ମତ ଉପସ୍ଥାପନ କରିଥିଲେ। ସମ୍ମାନିତ ବକ୍ତା ଭାବେ ସମାଜସେବୀ ଶ୍ରୀଯୁକ୍ତ ଦ୍ୱୋଦୁଲାଲ ମହାପାତ୍ର ଯୋଗଦେଇ ନାରୀ ସୁରକ୍ଷା ଦିଗରେ ଶକ୍ତିଶ୍ରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ନାରୀ ସୁରକ୍ଷା ଓ ସଶକ୍ତିକରଣରେ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ଶକ୍ତିଶ୍ରୀ ସେଲର ଗଠନ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତ ଉପସ୍ଥାପନ କରିଥିଲେ। ପ୍ରାଧାପକ ସରୋଜ କୁମାର ପାଣି ନାରୀ ସୁରକ୍ଷା ଦିଗରେ ନାରୀର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।ଅଧାପିକା ପିନାକ୍ଷୀ ପଣ୍ଡା ବୈଦିକ ସମାଜରେ ନାରୀ ଓ ସାମ୍ପ୍ରତିକ ସମାଜରେ ନାରୀର ଭୂମିକା ସମ୍ପର୍କରେ ଏକ ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ଅଧାପକ ଗୌରାଙ୍ଗ ପଣ୍ଡା ଆଜିର ସମାଜରେ ନାରୀ ନିଜର ସୁରକ୍ଷା ପାଇଁ ନିଜକୁ ସବୁ କ୍ଷେତ୍ରରୁ ସୁଦୃଢ଼ ରହିବା ଆବଶ୍ୟକ ବୋଲି ମତ ଉପସ୍ଥାପନ କରିଥିଲେ।ଅଧାପକ ଶମ୍ଭୁନାଥ ଗିରି ବାଳିକା ମାନଙ୍କର ଆତ୍ମକୌଶଳ ପ୍ରଶିକ୍ଷଣର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ବିଶିଷ୍ଟ ବକ୍ତା ଭାବେ ଅଧାପକ ଡ଼ଃ ତପନ କୁମାର ଦାସ ନାରୀ ସମସ୍ୟା ଓ ନାରୀବାଦ ଉପରେ ଆଲୋଚନା ପୂର୍ବକ 'ସାମ୍ପ୍ରତିକ ସମାଜରେ ନାରୀ ତଥା ପୁରୁଷ ଉଭୟଙ୍କ ମାନସିକତାରେ ପରିବର୍ତ୍ତନ ହେଲେ ସମାଜ ତଥା ନାରୀ ସୁରକ୍ଷିତ ହୋଇପାରିବ' ବୋଲି ମତ ଉପସ୍ଥାପନ କରିଥିଲେ। ଅଧାପକ ସିଦ୍ଧାର୍ଥ ବରାଳ ନାରୀ ସୁରକ୍ଷା ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ସର୍ବଶେଷରେ ଶକ୍ତିଶ୍ରୀ ସାଥି ଛାତ୍ରୀ ଲିପସ୍ମିତା ରାଜ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ +୩ର ଛାତ୍ରୀମାନେ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି

# ବେଆଇନ ଗୋଚାଲାଣ ବେଳେ ୭ଗୋମାତା ଉଦ୍ଧାର: ଡ୍ରାଇଭର ଅଟକ, ଦୁଇ ଗୋମାଫିଆ ଚମ୍ପଟ

ନୀଳଗିରି , ୩୧/୭ (ନି.ପ୍ର): ବେଆଇନ ଗୋଚାଲାଣ ବେଳେ ମାଡ଼ି ବସିଲେ ଗୋରକ୍ଷକ ସମେତ ବଜରଙ୍ଗଦଳ କର୍ମୀ। ଗାଡ଼ିମାଲିକ ଧରାପଡ଼ିଥିବା ବେଳେ ଦୁଇ ମାଫିଆ ସମେତ ଜଣେ ନାବାଳକ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ ବରହମପୁର ଥାନା ଛତ୍ରପୁର ପଞ୍ଚାୟତ ମଧୁପୁରିଆ ଗ୍ରାମର ବନମାଳୀ ହେମ୍ବ୍ରମଙ୍କ ଘରୁ ଗୁରୁବାର ରାତିରେ ୭ଟି ଗୋମାତାକୁ ଉକ୍ତ ଥାନା ବାଉଁଶପାଳ ଅଞ୍ଚଳର ନରେନ୍ଦ୍ର ସେଠୀଙ୍କ ପୁଅ ସଞ୍ଜୟ ସେଠୀ ଓ ବସନ୍ତ ସେଠୀ ଏବଂ ବସନ୍ତଙ୍କ ନାବାଳକ ପୁଅ ଚୋରିକରି, ଆରବନ୍ଧ ଗ୍ରାମର ସଂଜିତ ବିଶ୍ୱାଳଙ୍କ ଟାଟାଏସି ଓଡି - ୦୧ ଏ ଏଚ ୩୫୦୬ ନଂ ଟାଟାଏସି ଗାଡିରେ ଚାଲାଣ କରୁଥିଲେ। ଉକ୍ତ ଘଟଣାକୁ ରାତିପ୍ରାୟ ୧୧.୩୦ ସମୟରେ ବିଶେଷ ସୂତ୍ରରୁ ଖବରପାଇ ଗୋ-ସୁରକ୍ଷା କର୍ମୀ ଏବଂ ବଜରଙ୍ଗ ଦଳର ସଦସ୍ୟମାନେ ବରହମପୁର ପୋଲିସ ସହାୟତାରେ ବାଉଁଶବଣିଆ ଛକ ନିକଟରେ ଜଗିରହିଥିଲେ।ରାତ୍ରିପ୍ରାୟ ୩ଟା ସମୟରେ ଗାଡିଟି ଯାଉଥିବାବେଳେ ବାଉଁଶପାଳ ଛକ ନିକଟରେ ଗାଡିଟିକୁ ଅଟକ ରଖାଯାଇଥିଲା। ତେବେ ଡ୍ରାଇଭର ତଥା ମାଲିକ ଅଟକରହିଥିବା ବେଳେ ସୁଯୋଗ ଉଣ୍ଡି ଉଭୟ ଗୋମାଫିଆ ଏବଂ ନାବାଳକ ଜଣକ ଖସି ପଳାଇଯିବାରେ ସକ୍ଷମ ହୋଇଥିଲେ। ପୋଲିସ ଜବତ ଗାଡ଼ି ସହିତ ଗୋମାତାକୁ ଥାନାକୁ ଆଣିଥିବା ବେଳେ ସମସ୍ତ ଗୋମାତାକୁ ବାମପଦା ସ୍ଥିତ ମା ଭାରତୀ ଗୋଶାଳାକୁ ପଠାଇ ଦିଆଯାଇଛି। ଏନେଇ ଗୋସେବକ ପ୍ରମୋଦ ବେହେରା ବରହମପୁର ଥାନାରେ ଏତଲା ଦେଇଥିବା ବେଳେ ଗୋରୁମାଲିକ ବନମାଳୀ ଥାନାରେ ପହଞ୍ଚି ଗୋରୁଗୁଡ଼ିକ ଫେରାଇ ନେବାକୁ ଚାହିଁଥିଲେ ହେଁ ଗୋଶାଳାରେ ସମସ୍ତ ପ୍ରମାଣପତ୍ର ଦେଇ ଗୋମାତାକୁ ନେଇ ଆସିବାକୁ ପରାମର୍ଶ ଦେଇଛି ବରହମପୁର ପୋଲିସ।



# ନୂଆବସଷ୍ଟାଣ୍ଡ- ଚଣ୍ଡିଚୁଆ ଛକ ରାସ୍ତା ପାଲଟିଛି ମରଣଯନ୍ତା: ନିମ୍ନମାନର କାମ ଯୋଗୁ ନଷ୍ଟ ହେଉଛି ରାସ୍ତା

ଖୋର୍ଦ୍ଧା, ୩୧/୭ (ନି.ପ୍ର): ନୂଆବସଷ୍ଟାଣ୍ଡ ଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତା ଖୋର୍ଦ୍ଧା-ନୟାଗଡ ୫୭ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି । ଏହି ରାସ୍ତାଦେଇ ଦିନକୁ ଶହ ଶହ ଘରୋଇ ବସ, ମାଲବାହୀ ଟ୍ରକ, ସ୍କୁଲ, କଲେଜ ବିଦ୍ୟାର୍ଥୀ ଏବଂ ଆମ୍ବୁଲାନ୍ସ ଯାତାୟତ କରୁଛନ୍ତି । ଭୁବନେଶ୍ୱର ପଟୁ ନୟାଗଡ, ବଲାଙ୍ଗିର, ବୌଦ୍ଧ, ଫୁଲବାଣୀ ଜିଲ୍ଲାକୁ ଯାତ୍ରାବାହୀ ଘରୋଇ ବସ ଯାତାୟତ କରୁଛି । ଏହି ରାସ୍ତାର ଏକ ପାଶ୍ୱର୍ ବିଭିନ୍ନ ସ୍ଥାନରେ ବଡ ବଡ ଗାତ ସୃଷ୍ଟି ହୋଇଛି । ଫଳରେ ଯାନବାହନ ଯାତାୟତ ବେଳେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏପରିକି ଖାଲରେ ପଡି ଅନେକ ସମୟରେ ଛୋଟବଡ ଦୃର୍ଘଟଣା ମାନ ଘଟୁଛି । ଲଘୁଚାପ ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବଡ ଗାତରେ ପାଣି ଜମି ରହିବା ଫଳରେ ଆମ୍ବୁଲାନ୍ସ, ଘରୋଇ ବସ ଗାତରେ ଚକା ଦବିବା ସହ ଯାତାୟତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସକାଳ ଠାରୁ ରାତି ପର୍ଯ୍ୟନ୍ତ ଏହି ରାସ୍ତାରେ ଯାନବାହନ ଯାତାୟତ ଲାଗି ରହିଥାଏ । ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ଯୋଗୁ ଯାତାୟତବେଳେ ଯାତ୍ରୀ ହଇରାଣ ହେଉଛନ୍ତି । ଲଘୁଚାପ ବର୍ଷା ସମୟରେ ଗାତରେ ପାଣି ଜମି ଦୁର୍ଘଟଣା ଘଟିବା ପରେ ପୂର୍ତ୍ତ ବିଭାଗର ଚେତା ପସିଥିଲା । ତୁରନ୍ତ ଗୋଡିମୋରମ ଦେଇ ଅସ୍ଥାୟୀ ଭାବେ ସମସ୍ତ ଗାତକୁ ତରବରିଆ ଭାବେ ବନ୍ଦ କରାଯାଇଥିବାବେଳେ ଏହା କାଦୁଅ ହୋଇ ଦହଲ ପାଲଟିଛି । ଫଳରେ ଗାଡି ଗଲାବେଳେ ସ୍ଲିପ କରୁଥିବାବେଳେ ବର୍ଷା ସମୟରେ ଦୁର୍ଘଟଣା ଘଟିବା ଏକ ନିୟମିତ ଘଟଣା ହେଲାଣି ।

## ଶିବସାଗର ଜିଲ୍ଲା ଆସାମର ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ,୩୧/୭ : ଶିବସାଗର ଜିଲ୍ଲା ଆସାମର ସବୁଠାରୁ ଭୟଙ୍କର ବନ୍ୟା ପରିସ୍ଥିତିର ସମ୍ମୁଖୀନ ହେଉଛି। ଅନେକ ଗାଁର ଅବସ୍ଥା ଏପରି ହୋଇଛି ଯେ ସମଗ୍ର ଗାଁ ଅଣ୍ଟା ପର୍ଯ୍ୟନ୍ତ କାଦୁଅରେ ଭରି ଯାଇଛି। ଘରେ ମଧ ସମାନ ଅବସ୍ଥା। ବନ୍ୟାରେ ଅନେକ ପରିବାର ନିଖୋଜ ହୋଇଯାଇଛନ୍ତି, ସେମାନଙ୍କର କୌଣସି ଚିହ୍ନ ନାହିଁ । ତେବେ ଏଭଳି ଲୋକଙ୍କ ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ ତଥ୍ୟ ପ୍ରକାଶ କରାଯାଇ ନାହିଁ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ଅନୁଷ୍ଠିତ

ଚାନ୍ଦବାଲି, ୩୧/୭ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସୁକନ୍ୟା ଅନ୍ତର୍ଭୁକ୍ତିକରଣ ଶିବିର ଦୋସିଙ୍ଗା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ଦୋସିଙ୍ଗା, ଚାନ୍ଦବାଲିରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ଥାନା ର ଅଧକ୍ଷ ଦୟାନିଧି ଦାସ, ଧାମରା ଥାନାର ଏସ୍ ଆଇ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ଦୋସିଙ୍ଗା ଗ୍ରାମ ପଞ୍ଚାୟତ ର ସରପଞ୍ଚ, ଦୋସିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ, ଦୋସିଙ୍ଗା ସେକ୍ଟର ର ଶୁପର୍ଭାଇଜର ମହୋଦୟା ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ଲୋକ ମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ସହାୟକ ହେବ ବୋଲି କହି ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷ ଓ ବସୁଦେବପୁର ଥାନା ର ଏସ ଆଇ ଲୋକମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ ଓ ସୋସିଆଲ ମିଡ଼ିଆର ସଠିକ୍ ବ୍ୟବହାର କରିବାର ଉପାୟମନ ଜଣାଇ ଥିଲେ। ପଦ୍ମନ କୁମାର ରାୟ ଓ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ର ମ୍ୟାନେଜର ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ। ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଓ ସରପଞ୍ଚ ମହୋଦୟ ଲୋକମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମୋଟ ୧୫୦ ଜଣ ଅଭିଭାବକ, କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ଡାକ ବିଭାଗ ଏଜେଣ୍ଟ ମାନେ ଯୋଗଦେଇଥିଲେ । 'ସଞ୍ଚୟ ଓ ସଚେତନତା ଆଜିର ଆବଶ୍ୟକତା' ଏହି ଥିମ୍ ରେ ସଭାଟି ଆୟୋଜିତ ହୋଇଥିଲା। ଏହି ସଭାରେ ସୁକନ୍ୟା ସମୃଦ୍ଧି ଯୋଜନାରେ ଆକାଉଣ୍ଟ ଖୋଲା କାର୍ଯ୍ୟକ୍ରମ ଓ ଆଧାର ଶିବିର ମଧ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୦୦ ରୁ ଅଧିକ କନ୍ୟା ଓ ବ୍ୟକ୍ତି ମାନେ ଉପକୃତ ହୋଇପାରିଛନ୍ତି।ଏହି ସଭାଟିକୁ ସଫଳ କରିବାରେ ଉଚ୍ଚ ବିଦ୍ୟାଳୟ ର ସମସ୍ତ କାର୍ଯ୍ୟ କର୍ତ୍ତା, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ର କର୍ମକର୍ତ୍ତା ଓ ଡାକ ଏଜେଣ୍ଟ ମାନେ ସହାୟକ ହୋଇଛନ୍ତି।



# ସେବା ଓ ସ୍ମୃତିଚାରଣ ମଧ୍ୟରେ ଶ୍ରୀବିଦ୍ୟାଙ୍କ ୩୦ତମ ଜୟନ୍ତି ପାଳିତ



ଉଦଳା , ୩୧/୭ (ନି.ପ୍ର): ଆଜକୁ ୬ବର୍ଷ ପୁର୍ବେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଥିବା ଉଦଳା ଅଂଚଳର ଜଣେ ଜଣାଶୁଣା ମେଧାବି ଛାତ୍ରୀ ଶ୍ରୀବିଦ୍ୟାଙ୍କର ୩୦ତମ ଜୟନ୍ତି ଚଳିତ ଜୁଲାଇ ୨୯ ତାରିଖ ବୁଧବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ସେବା ମୂଳକ କାମ ସହିତ ସ୍ମୃତି ଚାରଣର ପର୍ବ ଅନୁଷ୍ଠିତ ହୋଇଥିଲା । ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନିଆଯାଇଥିଲା । ଟ୍ରଷ୍ଟର ପ୍ରତିଷ୍ଠାତା ଦୁଳମଣି ପୁହାଣ ଆଜିର ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସହର ମଧରେ ଥିବା ଉପଖଣ୍ଡ ସରକାରୀ ଚିକିତ୍ସାଳୟ ଓ ଅନାଥ ଆଶ୍ରମରେ ପ୍ରଭାତରେ ଫଳ, ବିସ୍କୁଟ ବଂଟନ କରାଯାଇଥିଲା । ପରେ ଅନୁଷ୍ଠିତ ସ୍ମୃତିଚାରଣ ପର୍ବରେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡ଼ା. ଲକ୍ଷ୍ମୀକାନ୍ତ ପତି, ଉଦଳା ରୋଟାରି କ୍ଲବର ସଭାପତି ଅଜୟ କୁମାର ବେହେରା, ପତଞ୍ଜଳି ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲ୍ଲା ପ୍ରଭାରି ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଯୋଗଦେଇ, ଶ୍ରୀବିଦ୍ୟା ଆଇ.ଆଇ.ଟି. ର ଛାତ୍ରୀ ଭାବରେ କିପରି ସହପାଠୀ ଓ ଅଧ୍ୟାପକ, ଅଧ୍ୟାପିକା ସମସ୍ତଙ୍କର ପ୍ରିୟଥିଲେ ଓ ଜଣେ ମେଧାବି ଛାତ୍ରୀ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ବର୍ଷ ତମାମ ବିଭିନ୍ନ ସମୟରେ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ସେବା ମୂଳକ କାମ ଯଥା- ରକ୍ତଦାନ ଶିବିର, ବୃକ୍ଷରୋପଣ, ବସ୍ତ୍ର ବିତରଣ ଇତ୍ୟାଦି କାର୍ଯ୍ୟକ୍ରମ ଜାରି ରହିଛି । ଟ୍ରଷ୍ଟର ଅନ୍ୟତମ ସଦସ୍ୟା ସୁଭଦ୍ରା ରାଉତ ଆଜିର ଏହି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହ ଏହାକୁ ସଫଳ କରିବାରେ ସହଯୋଗର ହାତ ବଢ଼ାଇଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଇଥିଲେ ।

# ସରସ୍ୱତୀ ବେଦ ପାଠଶାଳାରେ ଗୁରୁ ପୂର୍ଣ୍ଣିମା ମହୋତ୍ସବ



ଭଦ୍ରକ, ୩୧/୭ (ନି.ପ୍ର): ସରସ୍ୱତୀ ବିହାରରେ ପ୍ରତିଷ୍ଠିତ ବେଦପାଠଶାଳାର ବିଦ୍ୟାର୍ଥୀଗଣ ବୈଦିକ ବିଧିବିଧାନ ଅନୁସାରେ ଗରୁପୂର୍ଣ୍ଣିମା ପାଳନ କରିଥିଲା ସରସ୍ୱତୀ ବିହାରକୁ ଜଗନ୍ନାଥ ମନ୍ଦିରର ଅଧକ୍ଷ ଡ. ସଦାନନ୍ଦ ଦୀକ୍ଷିତଙ୍କ ମାର୍ଗଦର୍ଶନରେ ପାଠଶାଳାର ଆଚାର୍ଯ୍ୟ ସଂଜୟ କୁମାର ପାଣିଗ୍ରାହୀ ହୋମଯଜ୍ଞର ଆୟୋଜନ କରିଥିଲେ ଏବଂ ଓଡ଼ିଶା ବ୍ରାହ୍ମଣ ମହାସଂଘ ର ବ୍ରହ୍ମଣ ଦେବତା ମାନଙ୍କୁ ଗୁରୁବନ୍ଦନା ଓ ସ୍ତୋତ୍ର ପାଠ କରି ବିଦ୍ୟାର୍ଥୀଗଣ ଗୁରୁପୂଜନ କରିଥିଲେ । ଏଥିରେ ଭଦ୍ରକ ଜିଲ୍ଲା ସଭାପତି ଶ୍ରୀ ଚିନ୍ମୟ ମହାରାଜ, ଉପ ସଭାପତି ଶ୍ରୀ ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଶ୍ରୀ ଗୋପବନ୍ଧୁ ମିଶ୍ର, ରାଜେନ୍ଦ୍ର ନାରାୟଣ ପଣ୍ଡା, ମନ୍ଦରଧର ଦୀକ୍ଷିତ୍, ରାଧାକାନ୍ତ ଦୀକ୍ଷିତ୍, ପ୍ରବଚକ ନରହରି ଦାଶ, ବିନୋଦ ଦାଶ, ଯୁଧିଷ୍ଠିର ପଣ୍ଡା, ସମେତ କେନ୍ଦୁଝର ଶାଖା ସଭାପତି ଶ୍ରୀ ମଧୁସୁଦନ ମିଶ୍ର, ଆନନ୍ଦପୁର ଶାଖା ସଭାପତି ପଣ୍ଡିତ ମଦନମୋହନ ମିଶ୍ର ଓ ଯାଜପୁର ଜିଲ୍ଲା ସଂଯୋଜକ ଶ୍ରୀ ପ୍ରମୋଦ କୁମାର ଦାଶ ଭାଗ ଗ୍ରହଣ କରି ମହର୍ଷି ବ୍ୟାସଦେବଙ୍କର ଅଲୌକିକ ପାଣ୍ଡିତ୍ୟ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ବିଦ୍ୟାର୍ଥୀ ଗଣକୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଶେଷରେ କାର୍ଯ୍ୟକାରୀ ସଭାପତି ଶ୍ରୀ ତ୍ରିଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## କମିଲା ସୁନା ଦର, ବଢ଼ିଲା ରୂପା ଦର

ନୂଆଦିଲ୍ଲୀ, ୩୧/୭ (ନି.ପ୍ର): ଦେଶୀୟ ସରାଫା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନା ଦରରେ ବୃଦ୍ଧିର ଧାରା ଦେଖାଯାଇଛି। ତେବେ ରୂପା ଦରରେ ଆଜି କୌଣସି ପରିବର୍ତ୍ତନ ହୋଇନାହିଁ। ଦର ବୃଦ୍ଧି ପାଇବା ଫଳରେ ଦେଶର ଅଧିକାଂଶ ସରାଫା ବଜାରରେ ସୁନା ଆଜି ୧୦ ଗ୍ରାମ ପିଛା ୭୭୦ ଟଙ୍କାରୁ ୮୪୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇଛି। ଦରରେ ହୋଇଥିବା ପରିବର୍ତ୍ତନ ଫଳରେ ଦେଶର ଅଧିକାଂଶ ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ଆଜି ୧୦ ଗ୍ରାମ ପିଛା ୧,୪୪,୩୪୦ ଟଙ୍କାରୁ ୧,୪୪,୪୯୦ ଟଙ୍କା ମଧ୍ୟରେ କାରବାର ହେଉଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୩୨,୩୧୦ ଟଙ୍କାରୁ ୧,୩୨,୪୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ରୂପା ଦରରେ କୌଣସି ପରିବର୍ତ୍ତନ ନ ହେବାରୁ ଦିଲ୍ଲୀ ସରାଫା ବଜାରରେ ଆଜି ମଧ ଏହା ପ୍ରତି କିଲୋଗ୍ରାମ ୨,୩୪,୯୦୦ ଟଙ୍କାରେ ବିକ୍ରି ହେଉଛି।ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ଆଜି ୧୦ ଗ୍ରାମ ପିଛା ୧,୪୪,୪୯୦ ଟଙ୍କାରେ କାରବାର ହେଉଥିବାବେଳେ ୨୨ କ୍ୟାରେଟ୍ ସୁନାର ଦର ୧୦ ଗ୍ରାମ ପିଛା ୧,୩୨,୪୬୦ ଟଙ୍କା ରହିଛି। ସେହିପରି ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୪୪,୩୪୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୩୨,୩୧୦ ଟଙ୍କାରେ ବିକ୍ରି ହେଉଛି। ଏହିପରି ଅହମଦାବାଦରେ ୨୪ କ୍ୟାରେଟ୍ ସୁନାର ଖୁଚୁରା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୪,୩୯୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନାର ଦର ୧୦ ଗ୍ରାମ ପିଛା ୧,୩୨,୩୬୦ ଟଙ୍କା ରହିଛି।

# ପାଣି ନାଳରେ ପଡି ଚାଷୀ ମୃତ

ଖଇରା, ୩୧/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧିନ ଶରତ ଗ୍ରାମର ରବିନ୍ଦ୍ର ପରିଡାଙ୍କ ପୁଅ ଅନ୍ତର୍ଯ୍ୟାମୀ (୪୦) ବିଲ କାମସାରି ଘରକୁ ଫେରୁଥିବା ବେଳେ ପାଣିନାଳରେ ଖସିପଡି ମୃତ୍ୟୁ ବରଣ କରିଛନ୍ତି । ଗୁରୁବାର ସକାଳେ ସେ ଚାଷଜମିକୁ କାମ କରିବାକୁ ଯାଇ ମଧ୍ୟାହ୍ନ ବେଳେ କାମ ସାରି ଘରକୁ ଫେରୁଥିଲେ । ଫେରିବା ରାସ୍ତାରେ ଏକା ପାଣିନାଳ ଅତିକ୍ରମ କରୁଥିବା ବେଳେ ମୁଣ୍ଡବୁଲାଇ ଦେବାରୁ ନାଳରେ ଭାସି ଯାଇଥିଲେ । ପାଖରେ କାମ କରୁଥିବା ଅନ୍ୟ ଚାଷୀମାନଙ୍କ ସହାୟତାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ନିଜର ଘର ନଥିବାରୁ ପରଘରେ ଆଶ୍ରୟ ନେଇଥିବା ଅନ୍ତର୍ଯ୍ୟାମୀକୁ କୌଣସୀ ସରକାରୀ ସହାୟତା ମିଳିନଥିବା ବେଳେ ତାଙ୍କର ଅନାଥ ସନ୍ତାନ ଭାବେ ଏକମାତ୍ର ଝିଅ ଓ ସ୍ତ୍ରୀଙ୍କୁ ସହୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଆଦର୍ଶ ଶିକ୍ଷକ ଭୀଷ୍ମ ନାୟକଙ୍କ ସ୍ମୃତି ଚାରଣ ସଭା

ଖଇରା, ୩୧/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ଗ୍ରାମ ପଞ୍ଚାୟତ ଅଧୀନ ନଛିପୁର ଏମଇ ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ,ଗୋଲିହା ସେବା ସମବାୟ ସମିତିର ପୂର୍ବତନ ସଭାପତି ତଥା ପତିରାଜପୁର ମେଳା କମିଟି ଓ ଚାରଣ ଗୋଷ୍ଠୀର ସକ୍ରିୟ ସଦସ୍ୟ ସ୍ୱର୍ଗତ ଭୀଷ୍ମ ଚରଣ ନାୟକଙ୍କ ସ୍ମୃତିସଭା ଶୁକ୍ରବାର ଅପରାହ୍ନରେ ପତିରାଜପୁର ମେଳା ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ଚାରଣ ଗୋଷ୍ଠୀର ଉପଦେଷ୍ଟା ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ପୁର୍ବତନ ପ୍ରଧାନଶିକ୍ଷକ ଉଦୟ ନାୟକ, ଗୌରାଙ୍ଗ ପାଣି,ନିର୍ମଳ ପଣ୍ଡା, ସମ୍ପଦ ଘଡେଇ, ପ୍ରଦୀପ କୁମାର ସାମଲ, ବଳରାମ ପଣ୍ଡା, ଅକ୍ଷୟ ପ୍ରଧାନ,ରାମଚନ୍ଦ୍ର ପଣ୍ଡାପ୍ରମୁଖ ନିଜ ବକ୍ତବ୍ୟରେ କେବଳ ସମୟାନୁବର୍ତ୍ତୀ ଓ ଶୃଙ୍ଖଳିତ ଗୁଣ ନୁହେଁ ବହୁ ଅନନ୍ୟ ପ୍ରତିଭାର ଅଧିକାରୀ ଥିବା ନେଇ ଆଲୋକପାତ କରିଥିଲେ । ବୁଦ୍ଧିରାମ ପାଣିଗ୍ରାହୀ ଗୀତା ଓ ଭାଗବତ ପାଠ କରିଥିବା ବେଳେ ଶରତ ପଣ୍ଡାଙ୍କ ଦ୍ୱାରା ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।




# ଡଗରା ମଦର ଟେରେସା ସେବାସଂଘରେ ହିମାଂଶୁ ପାଳିଲେ ନିଆରା ଜନ୍ମଦିନ



ବାଲିଆପାଳ, ୩୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଡଗରାରେ ଥିବା ମଦର ଟେରେସା ସେବାସଂଘରେ ବଳରାମପୁର ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମର ବିରେନ ମାଝୀ ଓ ମାତା ଝରଣା ମାଝୀଙ୍କ ସୁପୁତ୍ର ହିମାଂଶୁ ମାଝୀ ୧୫ ତମ ଜନ୍ମଦିନ ପାଳିନ କରିଛନ୍ତି । ପୂର୍ବ ବର୍ଷ ମାନରେ ହିମାଂଶୁଙ୍କ ଜନ୍ମଦିନ ନିଜ ଘରେ ପାଳିତ କରୁଥିବା ବେଳେ ପନ୍ଦର ତମ ବର୍ଷ ଅନ୍ଧ,ମୁକ ବଧିର ପିଲାଙ୍କ ସହିତ ଜନ୍ମଦିନ ପାଳିତ କରୁଥିବାର ସିଦ୍ଧାନ୍ତ ନେଇଥିବା ସୁଧାଂଶୁର ବାପା ବିରେନ ମାଝୀ କହିଛନ୍ତି । ମଦର ଟେରେସା ସ୍କୁଲର ପ୍ରିନ୍ସପାଲ ମହେଶ୍ୱର ବେହେରାଙ୍କ ତତ୍ୱାଭଦାନ ରେ ଭିନ୍ନକ୍ଷମ ପିଲାଙ୍କୁ ଖାଦ୍ୟ ପରସି ନିଜକୁ ଧନ୍ୟ ମନେ କରିଥିଲେ। ଏହି ଜନ୍ମଦିନଟି ନିଆରା ଢଙ୍ଗରେ ପାଳିତ ହୋଇଯାଇଛି । ଘରର ମୁଖ୍ୟ ଜେଜେବାପା ସୀତାରାମ ମାଝୀ ତନ୍ମୟ ମାଝୀ, ଶୁଭଲକ୍ଷ୍ମୀ ମାଝୀ, ଜ୍ୟୋତିପ୍ରଭା ମାଝୀଙ୍କ ସହିତ ପରିବାରର ଅନ୍ୟ ସଦସ୍ୟ ମାନେ ସୁଧାଂଶୁଙ୍କୁ ଆଶ୍ରିବାଦ ଦେଇଥିବା ବେଳେ ସୁଧାଂଶୁର ସାଙ୍ଗ ମାନେ ମଧ ୧୫ ତମ ଜନ୍ମଦିନ ପାଳିଥିଲେ।

# ୧୮ନଂ ଜାତୀୟ ରାଜପଥ ଗାନ୍ଧୀପଡ଼ିଆ ଡାହିବାଡି ହାଟ ରାସ୍ତା ଶୋଚନୀୟ

ବୈଶିଙ୍ଗା, ୩୧/୭ (ନି.ପ୍ର): ବୈଶିଙ୍ଗା ପଞ୍ଚାୟତ ଉପକଣ୍ଠ ୧୮ନଂ ଜାତୀୟ ରାଜପଥର ଗାନ୍ଧୀପଡିଆ ଛକଠାରୁ ଡାହିବାଡି ହାଟ ପର୍ଯ୍ୟନ୍ତ ପ୍ରାୟ ୬୦୦ ମିଟର ଲମ୍ବର ରାସ୍ତା ଅତି ଜରୁରୀ ଭାବେ ପରିଗଣିତ ହୋଇଥାଏ। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ବାଇକ୍ ଆରୋହୀ ମଧ୍ଯ ଏହି ରାସ୍ତା ରେ ଯିବା କଷ୍ଟକର ହୋଇପଡିଛି। ଏହି ରାସ୍ତା ପାର୍ଶ୍ୱରେ ଜିଲ୍ଲାର ଅନ୍ୟତମ ବ୍ୟସ୍ତବହୁଳ ଡାହିବାଡି ସାପ୍ତାହିକ ହାଟ ସପ୍ତାହର ବୁଧବାର ଓ ଶନିବାର ଅନୁଷ୍ଠିତ ହେଉଥିବାରୁ ପ୍ରାୟ କୋଡିଏ ହଜାର ରୁ ଅଧିକ ଜନ ସମାଗମ ହୋଇଥାଏ। ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ମଧ ରାସ୍ତା ର ଅନତି ଦୂରରେ। ରାସ୍ତାର ଦୁରାବସ୍ଥା ପାଇଁ ଅଧିକାଂଶ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ଚାଲିଛି। ପ୍ରାୟ ୨୦ ବର୍ଷ ତଳେ ତତ୍କାଳୀନ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରମିଳା ଗିରି ଙ୍କ ହାତ ପାଣ୍ଠି ଅର୍ଥରୁ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ଏହି ରାସ୍ତାର ଅଧା ରାସ୍ତା କଂକ୍ରୀଟ୍ ହୋଇଥିଲା ବେଳେ ଆଉ ଅର୍ଦ୍ଧେକ କେବଳ ମେଟାଲିଂ ହୋଇଥିଲା। ଏବେ କଂକ୍ରୀଟ ନଷ୍ଟ ହୋଇ ବାକି ରାସ୍ତାଟି ରେ ମେଟାଲ୍ ଉଠିଯାଇ କେବଳ କାଦୁଅ ପାଲଟି ଯାଇଛି। ତେଣୁ ଏହି ରାସ୍ତା ଟିର ପୁନଃ ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇପଡିଛି। ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ପଚାରିବାରୁ ସେ ଖୁବ ଶୀଘ୍ର ବିଭାଗୀୟ ଇଞ୍ଜିନିୟର ଙ୍କୁ ପଠାଇ ରାସ୍ତା ର ସର୍ଭେ କରାଇ ସର୍ଭେ ରିପୋର୍ଟ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ଅଭିଯୋଗ ପରେ ଦୁଇ ଶହ ମିଟର ରାସ୍ତା କଙ୍କ୍ରିଟ ହୋଇ ପାରିଛି। ଏହି ଡାହିବାଡି ଗ୍ରାମଟି ସଂପୂର୍ଣ୍ଣ ଆଦିବାସୀ ବସତି ହୋଇ ଥିବା ଏବଂ ଏହି ଗ୍ରାମର ମୂଖ୍ୟ ରାସ୍ତା ହୋଇଥିଲେ ମଧ୍ୟ ସରକାରଙ୍କ ଆଦିବାସୀ ପ୍ରୀତି କେତେ ମହାନ୍ ଏଇଥିରୁ ଅନୁମାନ କରାଯାଉଛି।

❒ ସମ୍ପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida